بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା 04

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

28 ଜାନୁୟାରୀ 2021 | 28 ସୁଲାହ୍ 1400 ହି.ଶ | 14 ଜମାଦିଲ୍ ସାନି 1442 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

اِنَّ الَّذِیۡنَ اٰمَنُوۡا ثُمَّ کَفَرُوۡا ثُمَّ اٰمَنُوۡا ثُمَّ کَفَرُوۡا ثُمَّ ازۡدَادُوۡا کُفۡرًا لَّمۡ یَکُنِ اللّٰہُ لِیَغۡفِرَ لَہُمۡ وَلَا لِیَہۡدِیَہُمۡ سَبِیۡلًا ؕ (النساء:138)

ଅନୁବାଦ- ବାସ୍ତବିକ ଯେଉଁମାନେ ବିଶ୍ୱାସ କରି ତା' ପରେ ଅବଜ୍ଞା କରିଛନ୍ତି, ପୁଣି ବିଶ୍ୱାସ ସ୍ଥାପନ କରି ପୂନର୍ବାର ଅବଜ୍ଞା କରିଛନ୍ତି ଓ ପୁନରାୟ ଅବଜ୍ଞା କରିବାରେ ଅଗ୍ରସର ହୋଇଥାଆନ୍ତି ଅଲ୍ଲାଃ ସେମାନଙ୍କୁ କଦାପି କ୍ଷମା କରିବେ ନାହିଁ ଓ ସେମାନଙ୍କୁ କୌଣସି (ମୁକ୍ତି)ପଥ ଦେଖାଇବେ ନାହିଁ ।

*(ନିସା: ୧୩୮)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ଆପୋଷରେ ଭାଇଚାରା ଏବଂ ପ୍ରେମ ସୃଷ୍ଟି କର । ବର୍ବରତା ଏବଂ ମତଭେଦକୁ ଛାଡ଼ିଦିଅ । ପ୍ରତ୍ୟେକ ପ୍ରକାରର ନିର୍ବୋଧତା ଓ ଉପହାସରୁ ସମ୍ପୂର୍ଣ୍ଣରୂପେ ଦୁରେଇ ରୁହ କାରଣ ଉପହାସ ମଣିଷର ହୃଦୟକୁ ସତ୍ୟଠାରୁ ବହୁତ ଦୂରକୁ ନେଇଯାଇଥାଏ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ନିଜ ଭିତରେ ଏକ ପରିବର୍ତନ ଆଣ

ଅସଲ କଥା ହେଉଛି ଏହା କି ଈଶ୍ୱର ଯାହା ଚାହିଁଥାନ୍ତି ତାହା କରିଥାନ୍ତି । ସେ ଜନଶୂନ୍ୟ ସ୍ଥାନକୁ ଜନଗହଳି ଓ ଏକ ବୃହତ ସମୃଦ୍ଧ ଜନବସତିକୁ ଧ୍ୱଂସାବଶେଷରେ ପରିଣତ କରିଦେଇପାରନ୍ତି । ବାବିଲ୍ ସହର ସହିତ କଣ ଘଟିଲା ? ଯେଉଁଠି ମଣିଷ ଏ ଯୋଜନା କରିଥିଲା ଯେ ତାହା ଜନବସତି ହେଉ କିନ୍ତୁ ତାହା ଜନଶୂନ୍ୟ ହୋଇଗଲା ଏବଂ ପେଚା ମାନଙ୍କର ଆବାସସ୍ଥଳୀ ହୋଇଗଲା ଏବଂ ଯେଉଁ ସ୍ଥାନକୁ ମଣିଷ ଚାହୁଁଥିଲା ଯେ ତାହା ଜନଶୂନ୍ୟ ହୋଇ ରହୁ ସେଠାରେ ସାରା ସଂସାରର ଲୋକେ ଏକତ୍ରିତ ହେଲେ । ତେଣୁ ଖୁବ୍ ମନେରଖ ଯେ ଈଶ୍ୱରଙ୍କୁ ବାଦ ଦେଇ ଔଷଧ ଓ ଯୋଜନା ଉପରେ ଭରଷା କରିବା ହେଉଛି ଅତ୍ୟନ୍ତ ମୁର୍ଖାମି । ଏପରି ଜୀବନର ଆବଶ୍ୟକ ରହିଛି ଯାହା ସମ୍ପୁର୍ଣ୍ଣ ନୂଆ ହୋଇଥିବ, ସେଥିରେ ଇସ୍‌ତିଗ୍‌ଫାର୍ (ଅର୍ଥାତ ଅଲ୍ଲାଃଙ୍କଠାରୁ କ୍ଷମା ମାଗିବା) ପରିପୂର୍ଣ୍ଣ ଥିବ । ଯେଉଁମାନେ ସାଂସାରିକ କାର୍ଯ୍ୟରେ ଅଧିକ ବ୍ୟସ୍ତ ଅଛନ୍ତି, ସେମାନଙ୍କୁ ଅଧିକା ଭୟ କରିବା ଉଚିତ । ଯେଉଁମାନେ ଚାକିରି ବାକିରି କରିଛନ୍ତି ସେମାନେ ଅଧିକାଂଶ ଫରାଏଜ୍ (ଅର୍ଥାତ ଈଶ୍ୱରଙ୍କ ଦ୍ୱାରା ନ୍ୟସ୍ତ କରାଯାଇଥିବା ଧାର୍ଯ୍ୟ କର୍ତବ୍ୟ) ପାଳନ କରିବାରେ ବିଫଳ ହୁଅନ୍ତି । ଅତଏବ ବେଳେବେଳେ କିଛି ନିର୍ଦ୍ଦିଷ୍ଟ ସମୟରେ ଜୋହର୍ ଏବଂ ଅସର୍ ନମାଜ ଏକତ୍ର ପାଠ କରିବା ଓ ସେହିଭଳି ମଗ୍‌ରିବ୍ ଏବଂ ଇଶା ନମାଜକୁ ଯମା (ଏକତ୍ର) ପାଠ କରିବାକୁ ଅନୁମତି ଅଛି । ମୁଁ ଜାଣିଛି ଯଦି କର୍ତ୍ତୁପକ୍ଷଙ୍କୁ ନମାଜ ପାଠ କରିବା ନିମନ୍ତେ ଅନୁରୋଧ କରାଯାଏ ତେବେ ସେ ଅନୁମତି ଦେଇ ଦେଉଛନ୍ତି । ଉଚ୍ଚ କର୍ତ୍ତୁପକ୍ଷଙ୍କ ଅଧିନସ୍ଥ ସରକାରୀ କର୍ମଚାରୀମାନଙ୍କୁ ନମାଜ ପଢ଼ିବାକୁ ଅନୁମତି ମିଳୁଛି । ଅଯଥା ବାହାନା କରି ନମାଜ ପାଠ କରିବାରେ ଅବହେଳା କରିବା ଏକ ଦୁର୍ବଳତା ଛଡ଼ା ଆଉ କିଛି ନୁହେଁ । ହକୁକୁଲ୍ ଇବାଦ୍ ଅର୍ଥାତ ଲୋକମାନଙ୍କ ଅଧିକାର ଓ ହକୁକୁଲ୍ଲାଃ ଅର୍ଥାତ ଅଲ୍ଲାଃଙ୍କ ପ୍ରତିଥିବା କର୍ତବ୍ୟ ପ୍ରଦାନ କରିବାରେ ଅବହେଳା କରନ୍ତୁ ନାହିଁ ।

### ଈଶ୍ୱରଙ୍କ ପ୍ରିୟଜନଙ୍କ ସହିତ ସାମିଲ ହୁଅନ୍ତୁ

ବର୍ତମାନ ସମୟ ଅତ୍ୟନ୍ତ ଜଟିଳ ତେଣୁ ଈଶ୍ୱରଙ୍କ କ୍ରୋଧକୁ ଭୟ କରିବା ଉଚିତ କାରଣ ଅଲ୍ଲାଃ ନିଜର ଧାର୍ମିକ ଭକ୍ତଙ୍କ ବ୍ୟତିତ ଅନ୍ୟ କାହାର ପରବାଏ କରନ୍ତି ନାହିଁ । ଆପୋଷରେ ଭାଇଚାରା ଏବଂ ପ୍ରେମ ସୃଷ୍ଟି କର । ବର୍ବରତା ଏବଂ ମତଭେଦକୁ ଛାଡ଼ିଦିଅ । ପ୍ରତ୍ୟେକ ପ୍ରକାରର ନିର୍ବୋଧତା ଓ ଉପହାସରୁ ସମ୍ପୁର୍ଣ୍ଣରୂପେ ଦୁରେଇ ରୁହ କାରଣ ଉପହାସ ମଣିଷର ହୃଦୟକୁ ସତ୍ୟଠାରୁ ବହୁତ ଦୂରକୁ ନେଇଯାଇଥାଏ । ଆପୋଷରେ ଜଣେ ଅନ୍ୟଜଣଙ୍କୁ ସମ୍ମାନ କର । ପ୍ରତ୍ୟେକ ବ୍ୟକ୍ତି ନିଜର ଭାଇର ଆରାମ୍‌କୁ ନିଜ ଅପେକ୍ଷା ଅଧିକ ଅଗ୍ରାଧିକାର ଦିଅନ୍ତୁ । ଅଲ୍ଲାଃଙ୍କ ସହିତ ଏକ ଆନ୍ତରିକ ସମ୍ପର୍କ ସ୍ଥାପନ କର ଏବଂ ତାହାଙ୍କ ଆଜ୍ଞା ପାଳନ କର । ପୁନର୍ବାର ସର୍ବଶକ୍ତିମାନ ଅଲ୍ଲାଃଙ୍କର କ୍ରୋଧ ପୃଥିବୀକୁ ଓହ୍ଲାଇଛି । ସେଥିରୁ ସେହି ଲୋକମାନେ ମୁକ୍ତି ପାଇବେ ଯେଉଁମାନେ ନିଜର ସମସ୍ତ ପାପରୁ ସମ୍ପୁର୍ଣ୍ଣରୂପେ ତୌବାଃ (ଅନୁତାପ) କରି ଅଲ୍ଲାଃଙ୍କ ନିକଟକୁ ଫେରିବେ । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୪୧-୨୪୩ ପ୍ରକାଶନ୨୦୧୮ କାଦିୟାନ)***

**କୁଫ୍‌ଫାର (ଅର୍ଥାତ ଈଶ୍ୱରଙ୍କ ଉପରେ ଅବିଶ୍ୱାସ କରୁଥିବା ଲୋକମାନେ) ଏ କଥାରେ ଆଶ୍ଚର୍ଯ୍ୟ ହେଉଥିଲେ ଯେ ସେମାନଙ୍କ ମଧ୍ୟରୁ ଜଣେ ଲୋକଙ୍କ ଉପରେ କିପରି ଓ୍ୱହି (ଐଶିବାଣୀ) ଅବତୀର୍ଣ୍ଣ ହୋଇଗଲା ।**

**ସେମାନେ ମଧ୍ୟ ଏକଥା କହୁଛନ୍ତି ଯେ ହଜ୍‌ରତ୍ ଇସା ଆ:ସ ହିଁ ଆକାଶରୁ ଓହ୍ଲାଇ ଆମକୁ ଅପମାନ ଓ ଅତ୍ୟାଚାରରୁ ଉଦ୍ଧାର କରିବେ । ଆମ ମଧ୍ୟରେ ଏପରି ବ୍ୟକ୍ତି ଜନ୍ମ ହୋଇପାରିବ ନାହିଁ ଯିଏ ଆମକୁ ଆରୋଗ୍ୟ କରିପାରିବ**

**ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ସୁରଃ ୟୁନୁସ୍ ଆୟତ ନଂ-୪** ***ଆ କାନା ଲିନ୍ନାସି ଅଜବନ୍ ଅନ୍ ଅଓହୈନା ଇଲା ରଜୁଲିମ୍ ମିନ୍‌ହୁମ୍*** **ର ବ୍ୟାଖ୍ୟା କରି କହିଛନ୍ତି:**

କୁଫ୍‌ଫାର (ଅର୍ଥାତ ଈଶ୍ୱରଙ୍କ ଉପରେ ଅବିଶ୍ୱାସ କରୁଥିବା ଲୋକମାନେ) ଏ କଥାରେ ଆଶ୍ଚର୍ଯ୍ୟ ହେଉଥିଲେ ଯେ ସେମାନଙ୍କ ମଧ୍ୟରୁ ଜଣେ ଲୋକଙ୍କ ଉପରେ କିପରି ଓ୍ୱହି (ଐଶିବାଣୀ) ଅବତୀର୍ଣ୍ଣ ହୋଇଗଲା । ପତିତ ସମ୍ପ୍ରଦାୟଗୁଡ଼ିକରେ ଏ ଭାବନା ସର୍ବଦା ରହିଥାଏ ଯେ ଆମମାନଙ୍କ ମଧ୍ୟରେ ବଡ଼ ଲୋକ ଜନ୍ମ ହୋଇପାରିବେ ନାହିଁ । ଅତଏବ୍ କୁଫ୍‌ଫାର୍ ନିଜର ଅବସ୍ଥାକୁ ଦେଖି ଏପରି ନିରାଶ ହୋଇଯାଇଥିଲେ ଯେ, ସେମାନେ ଏଥିରେ ବିଶ୍ୱାସ ହିଁ ଆଣି ପାରୁନଥିଲେ ଯେ ସେମାନଙ୍କ (ଆଧାତ୍ମିକ) ଉପଚାର ସେମାନଙ୍କ ମଧ୍ୟରେ ହିଁ ମହ୍‌ଜୁଦ୍ ରହିଛି । ସେମାନଙ୍କର ଏ ଭାବନା ରହିଥିଲା ଯେ ସେମାନଙ୍କର ବିକାଶ,ଉନ୍ନତି ଏବଂ (ଆଧାତ୍ମିକ) ଉପଚାର ପାଇଁ ବାହାରୁ କାହାକୁ ଆସିବାକୁ ହେବ । ଏହିଭଳି ଅବସ୍ଥା ଆଜିକାଲି ଅନେକ ମୁସଲମାନମାନଙ୍କର ରହିଛି । ସେମାନେ ମଧ୍ୟ ଏକଥା କହୁଛନ୍ତି ଯେ ହଜ୍‌ରତ୍ ଇସା ଆ:ସ ହିଁ ଆକାଶରୁ ଓହ୍ଲାଇ ଆମକୁ ଅପମାନ ଓ ଅତ୍ୟାଚାରରୁ ଉଦ୍ଧାର କରିବେ । ଆମ ମଧ୍ୟରେ ଏପରି ବ୍ୟକ୍ତି ଜନ୍ମ ହୋଇପାରିବ ନାହିଁ ଯିଏ ଆମକୁ ଆରୋଗ୍ୟ କରିପାରିବ । ଏପରି ଚିନ୍ତାଧାରାରେ ଏମାନଙ୍କର ପୂର୍ବ ଲୋକମାନଙ୍କ ସହିତ ସମାନତା ରହିଛି । ସେହି ନିରାଶା ଏବଂ ସେହି ଉପଚାର ଶୈଳୀ ।

ଯେଉଁ ଲୋକମାନେ ଜାତିର ଉନ୍ନତି ପାଇଁ ଆଶା ଆକାଂକ୍ଷା

## ନବୀ ସ:ଆ:ସଙ୍କ ବାଣୀ

(୧୦୩୮) ହଜ୍‌ରତ୍ ଜୈଦ୍ ବିନ୍ ଖାଲିଦ୍ ଯେହମୀ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ ଆମକୁ ହୁଦବିୟାଠାରେ ବର୍ଷା ଛାଡ଼ିବା ପରେ ସକାଳ ବେଳାର (ଅର୍ଥାତ ଫଜର) ନମାଜ ପଢ଼ାଇଲେ । ବର୍ଷା ରାତିରୁ ହିଁ ବର୍ଷୁଥିଲା । ନମାଜ ଶେଷ ହେବାପରେ ରସୁଲୁଲ୍ଲାଃ ସ:ଆ:ସ ଲୋକମାନଙ୍କୁ ସମ୍ବୋଧନ କରି କହିଲେ ଯେ କଣ ତୁମେମାନେ ଏକଥା ଜାଣିଛ କି ତୁମ ପାଳନକର୍ତା କଣ କହିଛନ୍ତି ? ଲୋକମାନେ କହିଲେ ଅଲ୍ଲାଃ ଏବଂ ତାହାଙ୍କ ରସୁଲ୍ ସ:ଆ:ସ ଭଲଭାବରେ ଜାଣିଥିବେ । (ମହାଭାଗ ସ:ଆ:ସ କହିଲେ) ଅଲ୍ଲାଃ ତାଲା କହିଲେ: ଆଜି ସକାଳେ ମୋ ଭକ୍ତମାନଙ୍କ ମଧ୍ୟରୁ କିଏ ମୋ ଉପରେ ବିଶ୍ୱାସ ଆଣିଛି ତ ଆଉ କିଏ (ମତେ) ଅବିଶ୍ୱାସ କରିଛି: ସୁତରାଂ ଯିଏ ଏକଥା କହୁଛି ଯେ: ଅଲ୍ଲାଃ ନିଜର କୃପା ଓ କରୁଣା ଦ୍ୱାରା ଆମ ପାଇଁ ବର୍ଷା କରିଛନ୍ତି, ସେ ମୋ ଉପରେ ବିଶ୍ୱାସ ଆଣିଛି ଓ ଗ୍ରହ ନକ୍ଷତ୍ରକୁ ଅସ୍ୱୀକାର କରିଛି ଏବଂ ଯିଏ ଏ କଥା କହୁଛି ଯେ ଅମକ ଅମକ ନକ୍ଷତ୍ର ଅମକ ସ୍ଥାନକୁ ଚାଳନା ହେବା ଦ୍ୱାରା ଆମ ପାଇଁ ବର୍ଷା ହୋଇଛି ବୋଲି ତେବେ ସେ ମତେ ଅବିଶ୍ୱାସ କରୁଛି କିନ୍ତୁ ନକ୍ଷତ୍ର ଉପରେ ବିଶ୍ୱାସ ଆଣିଛି ।

(୧୦୩୯) ହଜ୍‌ରତ୍ ଇବ୍‌ନେ ଉମର ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ: ଗଏବ୍ (ଅର୍ଥାତ ଭବିଷ୍ୟ)ର ପାଂଚଟି ଚାବି ରହିଛି ଯାହାକୁ କେବଳ ଅଲ୍ଲାଃ ହିଁ ଜାଣିଛନ୍ତି । ମାଆ ଗର୍ଭରେ କଣ ଅଛି କେହି ଜାଣିନାହାନ୍ତି, କାଲି କଣ ହେବ କେହି ଜାଣିନାହାନ୍ତି, ଏକଥା କେହି ଜାଣିନାହାନ୍ତି ଯେ ସେ କାଲି କଣ ରୋଜଗାର କରିବ, କେହି ଏକଥା ଜାଣିନାହିଁ ଯେ ସେ କେଉଁ ଦେଶରେ (ଅର୍ଥାତ ଇଲାକାରେ) ମରିବ ଏବଂ ଏକଥା ମଧ୍ୟ କେହି ଜାଣିନାହିଁ ଯେ ବର୍ଷା କେବେ ବର୍ଷିବ ।

***(ସହି ବୁଖାରୀ, କିତାବୁଲ୍ ଇସ୍‌ତସ୍‌କା, ମୁଦ୍ରଣ କାଦିଆନ୍ ୨୦୦୬)***

ପୋଷଣ କରିନଥିଲେ କିମ୍ବା ଏକଥା ଭାବୁଥିଲେ ଯେ ବାହ୍ୟ ଚିକିତ୍ସା ବିନା କିଛି ହୋଇପାରିବ ନାହିଁ । ଯେତେବେଳେ ସେମାନଙ୍କ ମଧ୍ୟରୁ ସେମାନଙ୍କର ଜଣେ ଭାଇ ଏ ଦାବି କଲେ ଯେ ମୁଁ ହିଁ ତୁମର ଚିକିତ୍ସା କରିବି ଓ ବିକାଶ ଆଡ଼କୁ ନେଇଯିବି ସେତେବେଳେ ସେମାନଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେମାନେ ଏଥିରେ ଆଶ୍ଚର୍ଯ୍ୟ ହୋଇଗଲେ ଯେ ଯେଉଁ କଥା ଅସମ୍ଭବ ଥିଲା ତାହାକୁ ସମ୍ଭବ କରିବା ପାଇଁ ସେ କାହିଁକି ଦାବି କଲା ।

ଦ୍ୱିତୀୟ କଥା ଯାହା ସେମାନଙ୍କ ପାଇଁ ଆଶ୍ଚର୍ଯ୍ୟ ଜନକ ଥିଲା ତାହା ଏହା ଥିଲା ଯେ ମୁଦେଇ ଏ ଦାବି କରିଛନ୍ତି ଯେ ମତେ ଲୋକମାନଙ୍କୁ ସତର୍କ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଅର୍ଥାତ କିଛି ପୁରୁଣା କଥାକୁ ଛାଡ଼ି କିଛି ନୂଆ କଥାକୁ ଗ୍ରହଣ କର । ଏହିପରି ଲୋକମାନଙ୍କ ପାଇଁ ସର୍ବଦା ଏପରି କଥା ଆଶ୍ଚର୍ଯ୍ୟ ଜନକ ହୋଇଥାଏ ଅର୍ଥାତ ରସୁଲ କହୁଛନ୍ତି ବର୍ତମାନର ବ୍ୟବସ୍ଥାକୁ ଭାଙ୍ଗିଦିଅ ଏବଂ ନୂଆ ବ୍ୟବସ୍ଥାକୁ ଗ୍ରହଣ କର ।

କୁଫ୍‌ଫାର୍ (ଅର୍ଥାତ ଅବିଶ୍ୱାସୀମାନଙ୍କର) ଏହି ଦୁଇଟି କଥା ପରସ୍ପର ବିରୋଧି । ଗୋଟିଏ ପଟେ ସେମାନେ ଏତେ ନିରାଶ ହୋଇଯାଇଛନ୍ତି ଯେ ସେମାନେ ଏକଥା ଭାବୁଛନ୍ତି କି ଆମର ଚିକିତ୍ସା/ ଉପଚାର ପାଇଁ ଆମ ମଧ୍ୟରୁ କେହି ଆସିପାରିବେ ନାହିଁ ଏବଂ ଅନ୍ୟପଟେ ସେମାନେ ଏକଥାରେ ଲଢୁଚନ୍ତି ଯେ ଆମର ବ୍ୟବସ୍ଥା/ସିଷ୍ଟମ କାହିଁକି ବଦଳାଉଛ ? ପତିତ ଜାତିମାନଙ୍କର ଅବସ୍ଥା ଏପରି ହୋଇଥାଏ । ସେମାନେ ଏହା ଚାହିଁଥାନ୍ତି ଯେ ନା ତ' କିଛି ଛାଡ଼ିବାକୁ ପଡୁ ଓ ନା କିଛି କରାଯାଉ । କେହି ଜଣେ ବାହାରୁ ଆସି ସେମାନଙ୍କର ସାମ୍ପ୍ରତିକ ବ୍ୟବସ୍ଥାକୁ କାଏମ୍ ରଖି ସେମାନଙ୍କୁ ଉନ୍ନତିର ପଥରେ ଆଗକୁ ନେଇଯାଉ । ଏଥି ସକାଶେ ନା'ତ ସେମାନଙ୍କୁ ଶିକ୍ଷା ଗ୍ରହଣ କରିବାକୁ ପଡୁ ନା ପରିଶ୍ରମ କରିବାକୁ ହେଉ ନା ଖରାପ କଥାକୁ ଛାଡ଼ିବାକୁ ପଡୁ ବରଂ କେହି ଜଣେ ବାହାରୁ ଆସି ଅନ୍ୟମାନଙ୍କୁ ମାରିଦେଉ ଯଦ୍ୱାରା ସେମାନଙ୍କୁ ସବୁକିଛି ହାସଲ ହୋଇଯିବ । ସେମାନେ ଏକଥା ଭାବୁନାହାନ୍ତି ଯେ ଯଦି ସେମାନଙ୍କର ପ୍ରଥମ ବ୍ୟବସ୍ଥା/ସିଷ୍ଟମ ଠିକ ଥା'ନ୍ତା ତେବେ ସେମାନେ କାହିଁକି ଅପମାନିତ ଓ ଅତ୍ୟାଚାରିତ ହୋଇଥାନ୍ତେ ? ଅତଏବ ସେମାନଙ୍କର ସାମ୍ପ୍ରତିକ ବ୍ୟବସ୍ଥାକୁ ଭଙ୍ଗ କରିବା ଦ୍ୱାରା ହିଁ କାମ ହେବ । ***(ତଫ୍‌ସିର୍ କବୀର୍, ଖଣ୍ଡ-୩, ପୃ-୧୬........ ୨୦୧୦)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୮ ର ଅବଶିଷ୍ଟାଂଶ ......*

ତାଙ୍କର ପିତା ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି ର:ଅଙ୍କ ହସ୍ତରେ ବୟତ କରି ଅହେମଦୀୟତ୍‌ରେ ସାମିଲ ହୋଇଥିଲେ । ଚୌଧୁରି ହବିବୁଲ୍ଲାଃ ମଜ୍‌ହର୍ ସାହେବ୍ ସରକାରୀ ବିଭାଗରେ ବିଭିନ୍ନ ପଦରେ କାମ କରିଥିଲେ ଏବଂ ନିର୍ଦ୍ଦେଶକରୂପେ ସରକାରର ଏକ ବିଭାଗରୁ ଅବସର ନେଇଥିଲେ । ସେ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ ସମୟ ଧରି ଯମାତ୍‌ର ସେବା କରିଥିଲେ । ତନ୍ମଧ୍ୟରେ କାଏଦ୍ ମଜ୍‌ଲିସ୍, ଜଇମ୍ ଅନ୍‌ସାରୁଲ. ଯମାତ୍‌ର ବିଭିନ୍ନ ପଦବୀ ତଥା ଓ ସଦର ଯମାତ୍ ଆଦି ପଦରେ ନିଯୁକ୍ତ ରହି ସେବା ସମ୍ପାଦନ କରିବାକୁ ତାଙ୍କୁ ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ତୌହିନେ ରିସାଲତ୍‌ର ୨୯୫ ଧାରା ଆଇନ ଅନୁଯାୟୀ ମୃତ୍ୟୁଦଣ୍ଡର ପ୍ରଥମ ମୋକଦ୍ଦମା ତାଙ୍କ ଉପରେ ପଞ୍ଜୀକୃତ ହୋଇଥିଲା ତାହା ସମ୍ମାନନୀୟ ଚୌଧୁରୀ ହବିବୁଲ୍ଲାଃ ମଜ୍‌ହର୍ ସାହେବଙ୍କ ଉପରେ ୧୯୯୧ ମସିହର ଅକ୍ଟୋବର ମାସ ୨୯ ତାରିଖ ଦିନ ଶାହିଦ୍‌ରାହ୍ ଥାନାରେ ମାମଲା ରୁଜୁ କରାଯାଇଥିଲା ଏପରି ଭାବରେ ଐତିହାସିକ ଦୃଷ୍ଟିକୋଣରୁ ସେ ହିଁ ପ୍ରଥମ ଅହେମଦୀ ଥିଲେ ଯାହାଙ୍କୁ ଉକ୍ତ ଆଇନ ଅନୁଯାୟୀ ଅଲ୍ଲାଃଙ୍କ ମାର୍ଗରେ କାରାଗାରର ଦୁଃଖ ଯନ୍ତ୍ରଣା ସହ୍ୟ କରିବାର ସୌଭାଗ୍ୟ ପ୍ରାପ୍ତି ହୋଇଥିଲା । ଯଦିଚ ଏହାପରେ ସେସନ୍ କୋଟ ତାଙ୍କ ସପକ୍ଷରେ ରାୟ ଦେଇଥିଲା କିନ୍ତୁ ବିରୋଧିମାନେ ଉଚ୍ଚ ନ୍ୟାୟଳୟରେ ଅପିଲ୍ କରିଥିଲେ । ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଅବ୍‌ଦୁଲ୍ ମଜିଦ୍‌ଙ୍କୁ ତୌହିନ୍ ରିସାଲତ୍‌ର ଦ୍ୱାହି ଦେଇ ତାଙ୍କର ଜାମିନ୍ ଖାରଜ କରିଦେଇଥିଲେ ଏବଂ ତାଙ୍କୁ ଶାସ୍ତି ଦେବାଲାଗି ସେତେବେଳେ ଯାହା ବି ହୋଇପାରିଥାନ୍ତା ବିରୋଧିମାନେ ଅତ୍ୟନ୍ତ ବ୍ୟାପକ ରୂପେ ଉଦ୍ୟମ କରିଥିଲେ ବିରୋଧିମାନେ ଇଂଗ୍ରାଜୀରେ ଏବଂ ଉର୍ଦ୍ଦୁରେ ପାମ୍ପଲେଟ୍‌ସ ବିତରଣ କରିଥିଲେ ଏବଂ ଅତ୍ୟନ୍ତ ଖରାପ ଶବ୍ଦ ତାଙ୍କ ବିରୋଧରେ ପ୍ରୟୋଗ କରିଥିଲେ । ସେ ଯାହା ହେଉ ନା କାହିଁକି ଚୌଧୁରି ହବିବୁଲ୍ଲାଃ ମଜ୍‌ହର୍ ସାହେବ୍ ଅତ୍ୟନ୍ତ ସାହାସିକତାର ସହିତ ସେହି ସମୟକୁ ଅତିବାହିତ କରିଥିଲେ ଓ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତାରେ ରାଜି ରହି ବନ୍ଦୀର ସମୟ ଅତିବାହିତ କରିଥିଲେ । ଏହାପରେ ଅଲ୍ଲାଃ ତାଲା ଏଭଳି ମାଧ୍ୟମ ଉପଲବ୍ଧ କଲେ କି ଯଦ୍ୱାରା ସେ କିଛି ମାସରେ ହିଁ କାରାମୁକ୍ତ ହୋଇଥିଲେ । ସେ ନୀରବଚ୍ଛିନ୍ନ ଓ ନିୟମିତ ଭାବରେ ନମାଜ ତହ୍‌ଯୁଦ୍ ପାଠ କରୁଥିଲେ । ନିଜର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ନିଜ ସନ୍ତାନମାନଙ୍କୁ ନମାଜ ଅଭ୍ୟାହତ ରଖିବାପାଇଁ ଉପଦେଶ ଦେଉଥିଲେ । ସେ ଅତ୍ୟନ୍ତ ମିଳାପି ସ୍ୱଭାବ, ସହାନୁଭୂତି ପ୍ରଦର୍ଶନକାରୀ ବିନିତ ସ୍ୱଭାବ ଓ ଖିଲାଫତ୍ ପ୍ରତି ଗଭୀର ଆନ୍ତରିକତା ରଖିଥିଲେ । ମୋର ଖୁତ୍‌ବା ଓ ଖିତାବା ଅତ୍ୟନ୍ତ ବିନମ୍ରତାର ସହ ମନପ୍ରାଣ ଦେଇ ଶୁଣୁଥିଲେ ଏବଂ ଘରର ସମସ୍ତ ସଦସ୍ୟଙ୍କୁ ଏକତ୍ରିତ କରି କହୁଥିଲେ ସବୁକାମ ଛାଡ଼ି ଦିଅ ଏବଂ ଏଠାରେ ବସି ଖୁତ୍‌ବା ଶୁଣ ଏବଂ ନିଜର ପରିସ୍ଥିତିରେ ଅଲ୍ଲାଃ ତାଲାଙ୍କ କୃପାରୁ ସେ ମୁସି ଥିଲେ ଏବଂ ନଅଭାଗରୁ ଏକ ଭାଗ ଓ୍ୱସିୟତ କରିଥିଲେ । ମୃତକଙ୍କ ପରିବାରରେ ତାଙ୍କର ବିଧବା ପତ୍ନୀ ରୁକିୟା ବେଗମ୍ ସାହେବାଙ୍କ ବ୍ୟତିତ ପାଂଚଜଣ ପୁତ୍ର ଓ ଗୋଟିଏ କନ୍ୟା ସନ୍ତାନ ଅଛନ୍ତି । ତାଙ୍କର ଜଣେ ପୁତ୍ର ହସିବ୍ ଅହେମଦ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଅଛନ୍ତି, ଯିଏ ଇଂରାଜୀ ଡ଼େସ୍କର ଅର୍ଥାତ ଫଜ୍‌ଲେ ଉମର୍ ଫାଉଣ୍ଡେସନ୍‌ରେ କାର୍ଯ୍ୟରତ ଅଛନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ତାଙ୍କୁ ବୈକୁଣ୍ଠରେ ସ୍ଥାନ ଦିଅନ୍ତୁ, ତାଙ୍କ ସନ୍ତାନସନ୍ତତିଙ୍କୁ ମଧ୍ୟ ତାଙ୍କ ପୂଣ୍ୟବଳୀଗୁଡ଼ିକୁ ଅଭ୍ୟାହତ ରଖିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ତୃତୀୟ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ବଶୀରୁଦ୍ଦୀନ୍ ଅହେମଦ୍ ସାହେବଙ୍କ ଯାହାଙ୍କର ଗତ ନଭେମ୍ବର ମାସ ୩୦ ତାରିଖ ଦିନ ୮୬ ବର୍ଷ ବୟସରେ ନିଧନ ହୋଇଥିଲା । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।*

ଭାରତର ଫିରୋଜପୁରଠାରେ ସେ ଜନ୍ମଗ୍ରହଣ କରିଥିଲେ ସେ ଡ଼ାକ୍ତର ଖଲିଫା ତକିଉଦ୍ଦିନ୍ ସାହେବଙ୍କର ସୁପୁତ୍ର ଥିଲେ ଏବଂ ହଜ୍‌ରତ୍ ଡ଼ାକ୍ତର ଖଲିଫା ରଶିଦୁଦ୍ଦିନ୍ ସାହେବଙ୍କର ପୌତ୍ର ଥିଲେ । ଡ଼ାକ୍ତର ଖଲିଫା ରସିଦୁଦ୍ଦିନ୍ ହଜ୍‌ରତ୍ ଉମ୍ମେ ନାସିର୍‌ଙ୍କର ବାପା ଥିଲେ ଯିଏ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅଙ୍କ ପ୍ରଥମ ପତ୍ନୀ ଥିଲେ । ହଜ୍‌ରତ୍ ଖଲିଫା ରଶିଦୁଦ୍ଦିନ୍ ସାହେବ୍‌ଙ୍କ ବିଷୟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତାଙ୍କର ଆର୍ଥିକ ବଳିଦାନ ସମ୍ପର୍କରେ ଅତ୍ୟନ୍ତ ପ୍ରଶଂସାଗାନ କରିଛନ୍ତି । ସେ ଯାହା ହେଉନା କାହିଁକି ସେ ତାଙ୍କ ବଂଶରୁ ଜଣେ ଥିଲେ ଯମାତ୍‌ର କାର୍ଯ୍ୟରେ ମଧ୍ୟ ସେ ଅଂଶ ଗ୍ରହଣ କରୁଥିଲେ ଓ ଅଣଅହେମଦୀମାନଙ୍କୁ ନିଜ ଘରେ ଡ଼କେଇ ତବ୍‌ଲିଗ୍ କରୁଥିଲେ । ୧୯୯୮ ମସିହାରେ ସ୍ୱିଡ଼େନ୍ ଚାଲିଯାଇଥିଲେ ସେଠାରେ ସେ ବିଭିନ୍ନସ୍ଥାନରେ ରହିଥିଲେ । ୧୯୯୯ ତାଙ୍କୁ ହୃଦଘାତ ହୋଇଥିଲା । ଆରୋଗ୍ୟ ଲାଭ ପରେ ପୁନଶ୍ଚ ମସ୍‌ଜିଦ୍‌ର କାମରେ ନିୟୋଜିତ ହୋଇଯାଇଥିଲେ । ସେ ତବ୍‌ଲିଗ୍‌ର ସଚିବ ମଧ୍ୟ ଥିଲେ । ନିଜ ପତ୍ନୀ ଓ ସନ୍ତାନଙ୍କ ସହିତ ପ୍ରତ୍ୟେକ ବର୍ଷ ୟୁକେର ଜଲ୍‌ସାରେ ସାମିଲ ହେଉଥିଲେ । ମୃତକଙ୍କ ପରିବାରରେ ତାଙ୍କ ପତ୍ନୀଙ୍କ ବ୍ୟତିତ ତିନିଜଣ କନ୍ୟା ଓ ଜଣେ ପୁତ୍ର ସନ୍ତାନ ଅଛନ୍ତି । ତାଙ୍କ ପତ୍ନୀ ଜଣେ ଇଂଗ୍ରେଜ ମହିଳା ସେ ଖ୍ରୀଷ୍ଟଧର୍ମରୁ ଅହେମଦୀ ହୋଇଥିଲେ କିନ୍ତୁ ଅତ୍ୟନ୍ତ ଲଜ୍ୟା ସ୍ୱଭାବର ଥିଲେ ଏବଂ ଇସ୍‌ଲାମୀୟ ବସ୍ତ୍ର ପିନ୍ଧୁଥିବା ଜଣେ ମହିଳା ଥିଲେ । ପରଦାର ସଠିକ୍‌ରୂପେ ନିର୍ବାହ କରୁଥିଲେ ଅତ୍ୟନ୍ତ ସରଳ ଜୀବନ ଯାପନ କରୁଥିବା ମହିଳା ଏବଂ ସେ ଧର୍ମ ଶିକ୍ଷା ଆହୋରଣ କରିବାକୁ ତାଙ୍କର ଆଗ୍ରହ ଓ ସ୍ପୃହା ବେଶ୍ ଅଧିକ ରହିଥିଲା । ସେ ଧର୍ମମାର୍ଗରେ ପରିଚାଳିତ ହେବାପାଇଁ ସର୍ବଦା ଶକ୍ତି ଓ ପ୍ରୟାସରତ ରହୁଥିଲେ । ଅଲ୍ଲାଃ ତାଲା ତାଙ୍କର ବିଶ୍ୱାସ ଓ ଆସ୍ଥାକୁ ଉନ୍ନିତ କରନ୍ତୁ ଏବଂ ତାଙ୍କ ସନ୍ତାନସନ୍ତତିଙ୍କୁ ମଧ୍ୟ ତାଙ୍କର ପୂଣ୍ୟବଳୀଗୁଡ଼ିକ ଅଭ୍ୟାହତ ରଖିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଚତୁର୍ଥ ଯନାଜାଃ ସମ୍ମାନନୀୟା ସ୍ୱର୍ଗତା ଅମିନା ଅହେମଦ୍ ସାହେବାଙ୍କର ସେ ଖଲିଫା ରଫିଦ୍ଦିନ୍ ସାହେବଙ୍କର ପତ୍ନୀ ଥିଲେ । ଚଳିତ ବର୍ଷ ୧୯ ଅକ୍ଟୋବର ତାରିଖ ଦିନ ତାଙ୍କର ଦେହାନ୍ତ ହୋଇଥିଲା, *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍*

ସେ ଗୟନା ଦେଶର ମହିଳା ଥିଲେ ୧୯୪୦ ମସିହାରେ ଗୟାନାଠାରେ ସେ ଜଣେ ବିଖ୍ୟାତ ମୁସ୍‌ଲିମ୍ ବଣିକ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଲଣ୍ଡନ ଶିକ୍ଷାର୍ଥୀ ଜୀବନରେ ସେ ଅହେମଦୀୟତ ଗ୍ରହଣ କରିଥିଲେ ଏବଂ ସେହି ସମୟରେ ହିଁ ସେ ସ୍ୱର୍ଗତ ଆର୍.ଡ଼ି ଅହେମଦ ସାହେବଙ୍କ ସହିତ ବିବାହ କରିଥିଲେ, ଯିଏ କି ଡ଼କ୍ଟର ଖଲିଫା ତକିଦ୍ଦିନ୍ ସାହେବଙ୍କର ପୁତ୍ର ଥିଲେ । ସେ ଖଲିଫା ରସିଦୁଦ୍ଦିନ୍ ସାହେବଙ୍କ ବଂଶରୁ ଜଣେ ଥିଲେ । ସ୍ୱର୍ଗତା ଲୋକଙ୍କ ପ୍ରତି ଅତ୍ୟନ୍ତ ସହାନୁଭୂତି ପ୍ରଦର୍ଶନକାରୀ ମହିଳା ଓ ଲୋକମାନଙ୍କର ଯତ୍ନ ନେବା ଅତିଥିପ୍ରୀୟ ମହିଳା ଥିଲେ, ସେ ନିୟମିତ ନମାଜ ପାଠ କରୁଥିଲେ । ସର୍ବଦା ନିଜ ନମାଜ ପାଇଁ ଚିନ୍ତିତ ରହୁଥିଲେ । ସ୍ୱାସ୍ଥ୍ୟବସ୍ଥା ଠିକ୍ ନଥିବା ସତ୍ତ୍ୱେ ସେ ତହ୍‌ଯୁଦ୍ ନମାଜ ପାଠ କରୁଥିଲେ ଓ ନିୟମିତ ରୂପେ କୋରାନ୍ କରିମ୍‌ର ତିଲାଓ୍ୱତ କରୁଥିଲେ । ମନ୍ଦ ସ୍ୱଭାବ ଓ କର୍କଟ ରୋଗ ସତ୍ତ୍ୱେ ବ୍ରିଟେନ୍‌ରେ ପ୍ରାୟ ପ୍ରତ୍ୟେକ ବର୍ଷ ଜଲ୍‌ସାରେ ସାମିଲ ହେଉଥିଲେ । ଦୁଆ ଉପରେ ତାଙ୍କର ଆସ୍ଥା ବେଶ୍ ଦୃଢ଼ ରହିଥିଲା, ଖିଲାଫତ୍ ପ୍ରତି ଗଭୀର ଆନ୍ତରିକତା ଏକ ନିଷ୍ଠା ଓ ବିଶ୍ୱସ୍ତତାର ସମ୍ପର୍କ ରହିଥିଲା । ଯେତେବେଳେ ବି ସେ ମତେ ସାକ୍ଷାତ କରୁଥିଲେ ସେତେବେଳେ ସେ ଅତ୍ୟନ୍ତ ବିନମ୍ରତା ପୂର୍ବକ ସାକ୍ଷାତ କରୁଥିଲେ ଏବଂ ଦୁଆ ପାଇଁ କହୁଥିଲେ । ଅଲ୍ଲାଃ ତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ତାଙ୍କ ସନ୍ତାନସନ୍ତତିଙ୍କୁ ମଧ୍ୟ ଯମାତ୍ ସହିତ ସୁଦୃଢ଼ ରଖନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ହଜ୍‌ରତ୍ ଅଲୀ ବିନ୍ ଅବି ତାଲିବ୍ ର:ଅ ନବୀ କରିମ୍ ସ:ଆ:ସଙ୍କ ଦେହାନ୍ତ ପରେ ପ୍ରଥମ ଦିନ ବା ଦ୍ୱିତୀୟ ଦିନ ହଜ୍‌ରତ୍ ଅବୁବକର ର:ଅଙ୍କର ବୟତ କରିଦେଇଥିଲେ । ଏହା ହିଁ ପ୍ରକୃତ ସତ୍ୟ କାରଣ ହଜ୍‌ରତ୍ ଅଲୀ ର:ଅ ହଜ୍‌ରତ୍ ଅବୁବକର ର:ଅଙ୍କୁ କେବେ ବି ଛାଡ଼ିନାହାନ୍ତି ଓ ନା ସେ ହଜ୍‌ରତ୍ ଅବୁ ବକର ର:ଅଙ୍କ ପଛରେ ନମାଜ ଛାଡ଼ିଛନ୍ତି ।**

**ହଜ୍‌ରତ୍ ଅଲୀ ର:ଅଙ୍କର ଯଦି ଅନ୍ୟ ସମସ୍ତ ସୁଗୁଣଗୁଡ଼ିକୁ ଅଣଦେଖା ମଧ୍ୟ କରାଯିବ ତେବେ ବି ମୋ ନିକଟରେ ତାଙ୍କର ଏପରି ବିପଦପୂର୍ଣ୍ଣ ଓ ସଙ୍କଟ ପରିସ୍ଥିତିରେ ଖିଲାଫତ୍‌କୁ ଗ୍ରହଣ କରିନେବା ଏମିତି ସାହାସ ଓ ଦମ୍ଭର କଥା ଥିଲା ଯାହା ଅତ୍ୟନ୍ତ ପ୍ରଶଂସନୀୟ ଯେ ସେ ନିଜର ସମ୍ମାନ ଓ ନିଜକୁ ଇସ୍‌ଲାମ୍ ମୁକାବିଲାରେ କିଛି ପରବାଏ ନ କରି ଏତେ ବଡ଼ ବୋଝକୁ, ଦାୟିତ୍ୱକୁ ବହନ କରିନେଲେ (ମୁସ୍‌ଲେହ୍ ମଉଦ୍)**

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ଓ କ୍ୱାଇଁ ଅବୁ ତୁରାବ୍, ହଜ୍‌ରତ୍ ଅଲୀ ଅଲ୍‌ମୁର୍‌ତଜା ର:ଅଙ୍କ ଗୁଣାବଳୀର ଚର୍ଚ୍ଚା ।**

**ମୁଁ ପାକିସ୍ତାନର ଅହେମଦୀମାନଙ୍କୁ ବିଶେଷରୂପେ ଏହା କହିବି ଯେ ଦୁଆ (ପ୍ରାର୍ଥନା) କରିବା ପ୍ରତି ଯେଉଁଭଳି ଧ୍ୟାନ ଦେବାର ଆବଶ୍ୟକତା ରହିଛି, ଏବେ ବି ସେହିପରି ଧ୍ୟାନ ଦେବାର ଦେଖାଯାଉନାହିଁ । ତେଣୁ ପୂର୍ବପେକ୍ଷା ଅଧିକ ଓ ବହୁତ ଅଧିକ ଦୁଆ କରିବା ପ୍ରତି ଧ୍ୟାନ ଦିଅନ୍ତୁ । ଅଲ୍ଲାଃ ତାଲା ଯଥାଶିଘ୍ର ଆମକୁ ଏହି ସଙ୍କଟରୁ ଉଦାର କରନ୍ତୁ ଓ ସହଜତା ସୃଷ୍ଟି କରନ୍ତୁ ଫଳତଃ ପ୍ରକୃତ ଇସ୍‌ଲାମ୍‌ର ବାର୍ତାକୁ ଆମେ ସ୍ୱାଧିନଭାବେ ପାକିସ୍ତାନରେ ଓ ପୃଥିବୀର ପ୍ରତି କୋଣରେ ମଧ୍ୟ ପହଂଚାଇପାରିବା ।**

**ଅଲ୍‌ଯଜାଇର୍ ଏବଂ ପାକିସ୍ତାନରେ ଅହେମଦୀମାନଙ୍କ ଉପରେ ଭିଷଣ ଅତ୍ୟାଚାର ଓ ଅହେମଦୀମାନଙ୍କର ବିରୋଧ କରାଯାଉଥିବାର ଦେଖି ବିଶେଷ ଦୁଆ କରିବାକୁ ଉପଦେଶ ।**

**ଚାରିଜଣ ମର୍‌ହୁମୀନ୍, ଡ଼ାକ୍ତର ତାହେର୍ ଅହେମଦ୍ ସାହେବ୍ ଅଫ୍ ରବୱା ସୁପୁତ୍ର ଚୌଧୁରୀ ଅବ୍‌ଦୁର୍ ରଜାକ୍ ସାହେବ୍ ଶହୀଦ୍ ପୂର୍ବତନ ଅମୀର୍ ଜିଲ୍ଲା ନୱାବ୍ ଶାହ୍, ମୋକରମ୍ ହବିବୁଲ୍ଲାଃ ମଜହର୍ ସାହେବ ସୁପୁତ୍ର ମୋକରମ୍ ଚୌଧୁରୀ ଅଲ୍ଲାଃଦତା ସାହେବ୍, ମୋକରମ୍ ଖଲିଫା ବଶିରୁଦ୍ଦିନ୍ ଅହମଦ୍ ସାହେବ ସୁପୁତ୍ର ଡ଼ାକ୍ତର ଖଲିଫା ତକିଉଦ୍ଦିନ୍ ସାହେବ ଏବଂ ମୋହ୍‌ତରମା ଅମିନା ଅହ୍‌ମଦ୍ ସାହିବା ପତ୍ନୀ ମୋକରମ୍ ଖଲିଫା ରଫିଉଦ୍ଦିନ୍ ଅହ୍‌ମଦ୍ ସାହେବଙ୍କ ସୁଗୁଣାବଳୀର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ପାଠ**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍ତ: ୧୮ ଡ଼ିସେମ୍ବର ୨୦୨୦ ଅନୁଯାୟୀ ୧୮ ଫତହ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ ۔
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ଗତ ଖୁତ୍‌ବାରୁ ହଜ୍‌ରତ୍ ଅଲୀ ବିନ୍ ଅବୁ ତାଲିବ୍‌ଙ୍କ ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଆଜି ହଜ୍‌ରତ୍ ଅଲୀ ର:ଅଙ୍କ ଆଁ ହଜ୍‌ରତ୍ ସ:ଆ:ସଙ୍କ ଶେଷ ରୋଗ ସମୟରେ ଯେଉଁ ସେବା ରହିଥିଲା ତାହାର ଚର୍ଚ୍ଚା କରିବି ଏବଂ ତାହା ଏହିପରି ଦରଜ ରହିଛି କି ଯେତେବେଳେ ନବୀ କରିମ୍ ସ:ଆ:ସଙ୍କ ଅସୁସ୍ଥତା ବଢ଼ିଗଲା ଅର୍ଥାତ ହଜୁରଙ୍କର ରୋଗରେ ଅଭିବୃଦ୍ଧି ଘଟିଲା ସେତେବେଳେ ଏକ ଅବସରରେ ହଜୁର ସ:ଆ:ସ ଦୁଇଜଣ ବ୍ୟକ୍ତିଙ୍କ କାନ୍ଧରେ ଭରା ଦେଇ ହଜ୍‌ରତ୍ ଆଇଶା ର:ଅଙ୍କ ଘରୁ ମସ୍‌ଜିଦ୍ ଅଭିମୁଖେ ବାହାରିଲେ । ହଜୁର ସ:ଆ:ସଙ୍କ ପାଦ ଭୂମି ଉପରେ ରେଖାପାତ କରୁଥିଲା ଅର୍ଥାତ ଦୁର୍ବଳତା ଯୋଗୁଁ ତାଙ୍କ ପାଦ ଉଠୁନଥିଲା ଏବଂ ହଜ୍‌ରତ୍ ଅବ୍‌ବାସ ର:ଅ ଏବଂ ହଜ୍‌ରତ୍ ଅଲୀ ର:ଅଙ୍କ କାନ୍ଧରେ ଭରା ଦେ. ସାହାରା ନେଇ ହଜୁର ସ:ଆ:ସ ମସ୍‌ଜିଦ୍ ଅଭିମୁଖେ ଯାଇଥିଲେ ।

***(ସହି ବୁଖାରୀ, କିତାବୁଲ୍ ଅଜାନ୍.... ହଦିସ୍ ୬୬୫)***

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ୍ ର:ଅ ବର୍ଣ୍ଣନା କରନ୍ତି, ହଜ୍‌ରତ୍ ଅଲୀ ର:ଅ ହଜୁର ସ:ଆ:ସଙ୍କ ସେହି ରୋଗାଗ୍ରସ୍ତ ସମୟରେ ଆପଣଙ୍କ ନିକଟକୁ ଆସିଲେ, ଯେଉଁଥିରେ ଆପଣ ଦେହତ୍ୟାଗ କରିଥିଲେ । ଲୋକେ ତାଙ୍କୁ ପଚାରିଲେ ହେ ଅବୁଲ୍ ହସନ୍! ଆଜି ହଜୁର ସ:ଆ:ସଙ୍କ ସ୍ୱାସ୍ଥ୍ୟାବସ୍ଥା କିପରି ରହିଛି ? ସେ ଉତର ଦେଲେ ଅଲ୍‌ହମ୍‌ଦୁଲ୍ଲିଲାଃ ସକାଳେ ହଜୁର ସ:ଆ:ସଙ୍କ ସ୍ୱାସ୍ଥ୍ୟ ବେଶ୍ ଭଲ ଥିଲା ଏଥିରେ ହଜ୍‌ରତ୍ ଅବ୍‌ବାସ ବିନ୍ ଅବ୍‌ଦୁଲ୍ ମୁତ୍‌ଲିବ୍ ହଜ୍‌ରତ୍ ଅଲୀ ର:ଅଙ୍କ ହାତ ଧରିଲେ ଏବଂ କହିଲେ ଅଲ୍ଲାଃଙ୍କ ରାଣ ! ତିନି ଦିନ ପରେ ତୁମେ ଅନ୍ୟ କାହାର ଅଧିନସ୍ଥ ହୋଇଯିବ କାରଣ ମୁଁ ଲକ୍ଷ୍ୟ କରୁଛି ହଜୁର ସ:ଆ:ସଙ୍କର ଏହି ବ୍ୟାଧିରେ ଖୁବ୍‌ଶିଘ୍ର ଦେହାନ୍ତ ଘଟିଯିବ ଏହା ଏଥିପାଇଁ ଯେ ଅବ୍‌ଦୁଲ୍ ମୁତ୍‌ଲିବ୍ ସନ୍ତାନମାନଙ୍କ ଶେଷ ସମୟର ସେମାନଙ୍କର ମୁଖ ମୁଁ ବେଶ୍ ଭଲ ଭାବରେ ପରିଲକ୍ଷିତ କରିଛି । ଆସ ହଜୁର ସ:ଆ:ସଙ୍କ ନିକଟକୁ ଯିବା ଏବଂ ଖିଲାଫତ୍‌ର ମାମଲା ପ୍ରସଙ୍ଗରେ ତାଙ୍କଠାରୁ ପଚାରି ବୁଝିବା ଯେ, ତାହା କେଉଁ ବଂଶଧରରେ ପ୍ରଚଳିତ ହେବ ଅର୍ଥାତ ଖିଲାଫତ୍ ? ଯଦି ଆମ ମଧ୍ୟରେ ହେବ ତେବେ ଆମକୁ ଜ୍ଞାତ ହୋଇଯିବ ଯଦି ଅନ୍ୟ କେଉଁ ବଂଶଧରର ହେବେ ଅର୍ଥାତ ବଂଶଧରଙ୍କୁ ଖିଲାଫତ୍ ଚାଲିଯିବ ତେବେ ତାହା ସଂକ୍ରାନ୍ତରେ ଆମକୁ କିଛି ଓ୍ୱସିୟତ କରିଯାଆନ୍ତୁ ବୋଲି ଆମେ ତାଙ୍କୁ ନିବେଦନ କରିବା । ହଜ୍‌ରତ୍ ଅଲୀ ର:ଅ କହିଲେ ଅଲ୍ଲାଃଙ୍କ ରାଣ ! ଯଦି ଆମେ ହଜୁର ସ:ଆ:ସଙ୍କୁ ଏକଥା ପଚାରିବା ଏବଂ ଆପଣ ସ:ଆ:ସ ଆମକୁ ଏହି ମର୍ଯ୍ୟାଦା ପ୍ରଦାନ ନ କରିବେ ତେବେ ଆପଣ ସ:ଆ:ସଙ୍କ ଅନ୍ତେ ଲୋକମାନେ ମଧ୍ୟ ଆମକୁ ମର୍ଯ୍ୟାଦା ପ୍ରଦାନ କରିବେ ନାହିଁ ତେଣୁ ତାହା ମୁଁ ହଜୁର ସ:ଆ:ସଙ୍କୁ ପଚାରି ପାରିବି ନାହିଁ ।

***(ସହି ବୁଖାରୀ, କିତାବୁଲ୍ ମଗାଜି.... ହଦିସ୍ ୪୪୪୭....)***

ଏହି ପରିପ୍ରେକ୍ଷୀରେ ହଜ୍‌ରତ୍ ସୟଦ ଓ୍ୱଲିଉଲ୍ଲା ଶାହ୍ ସାହେବ୍ ନିଜର ପୁସ୍ତକରେ ଏହି ନୋଟ୍ ଦରଜ କରିଛନ୍ତି ଯେ, ଏହା ସେହି ବ୍ୟକ୍ତି ପାଇଁ କିନାୟା ଆକାରରେ ବ୍ୟବହାର କରାଯାଇଛି ଅର୍ଥାତ ଯିଏ ହଜୁର ସ:ଆ:ସଙ୍କ ଅନ୍ତେ ଅନ୍ୟ କାହା ଅଧିନସ୍ଥ ହୋଇଯାଇଥାଏ । ଏହାର ତାତ୍ପର୍ଯ୍ୟ ଏହା ଥିଲା କି ତିନିଦିନ ପରେ ହଜୁର ସ:ଆ:ସଙ୍କ ପରଲୋକ ହୋଇଯିବ ।

***(ସହୀ ବୁଖାରୀ, ମୁତରଜିମ୍ ହଜ୍‌ରତ୍ ସୟଦ୍ ଜଏନୁଲ୍ ଆବେଦିନ୍ ଓ୍ୱଲିଉଲ୍ଲାଃ ଶାହ୍ ସାହେବ, ଖଣ୍ଡ-୯, ପୃ-୩୩୭...... ରବୱା)***

ହଜ୍‌ରତ୍ ଆମୀର ର:ଅ ବର୍ଣ୍ଣନା କରନ୍ତି ହଜୁର ସ:ଆ:ସଙ୍କ ଦେହାବସାନ ପରେ ତାଙ୍କୁ ହଜ୍‌ରତ୍ ଅଲୀ ର:ଅ, ହଜ୍‌ରତ୍ ଫଜଲ୍ ଓ ହଜ୍‌ରତ୍ ଉସାମା ବିନ୍ ଜୈଦ୍ ର:ଅ ସ୍ନାନ ଦେଇଥିଲେ ଏବଂ ସେହିମାନେ ହିଁ ହଜୁର ସ:ଆ:ସଙ୍କ ପବିତ୍ର ଶରୀରକୁ କବର ମଧ୍ୟରେ ଓହ୍ଲାଇ ଥିଲେ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ସେମାନଙ୍କ ସାଥିରେ ଅର୍ଥାତ ଉକ୍ତ ବ୍ୟକ୍ତି ବିଶେଷଙ୍କ ସାଥିରେ ହଜ୍‌ରତ୍ ଅବ୍‌ଦୁର ରହ୍‌ମାନ୍ ବିନ୍ ଔଫ୍ ମଧ୍ୟ ଥିଲେ ଯିଏ ହଜୁରଙ୍କୁ କବର ଦେବାରେ ସାହାଯ୍ୟ କରିଥିଲେ । ***(ସୁନନେ ଅବୁ ଦାଉଦ୍....... ହଦିସ୍-୩୨୦୯)***

ହଜ୍‌ରତ୍ ଅଲୀ ର:ଅଙ୍କର ହଜ୍‌ରତ୍ ଅବୁ ବକର ର:ଅଙ୍କ ହସ୍ତରେ ବୟତ କରିବା ପ୍ରସଙ୍ଗରେ ବିଭିନ୍ନ ବର୍ଣ୍ଣନା ରହିଛି । କେତେକ ବର୍ଣ୍ଣନାରେ ଏହା ଉଲ୍ଲେଖ ରହିଛି ଯେ, ହଜ୍‌ରତ୍ ଅଲୀ ର:ଅ ପୂର୍ଣ୍ଣ ପ୍ରସନ୍ନତାର ସହିତ ଶିଘ୍ର ହଜ୍‌ରତ୍ ଅବୁ ବକର ର:ଅଙ୍କ ହସ୍ତରେ ବୟତ କରିନେଇଥିଲେ । କିଛି ଲୋକେ ଏହାର ବିପରିତ ଲେଖିଛନ୍ତି । ସେ ଯାହା ହେଉ ହଜ୍‌ରତ୍ ଅବୁ

ସଇଦ୍ ଖୁଦ୍ରି ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ମହାଜିର୍ ଓ ଅନ୍‌ସାର୍ ସକସ୍ତ ହଜ୍‌ରତ୍ ଅବୁ ବକରଙ୍କ ହାତରେ ବୟତ କରିନେଲେ । ହଜ୍‌ରତ୍ ଅବୁବକର ଦେଖିଲେ ସେଠାରେ ହଜ୍‌ରତ୍ ଅଲୀ ନାହାନ୍ତି । ଅତଏବ ଅନ୍‌ସାରମାନଙ୍କ ମଧ୍ୟରୁ କିଛି ଲୋକ ଗଲେ ଏବଂ ହଜ୍‌ରତ୍ ଅଲୀ ର:ଅଙ୍କୁ ନେଇ ଆସିଲେ । ହଜ୍‌ରତ୍ ଅବୁ ବକର ର:ଅ ହଜ୍‌ରତ୍ ଅଲୀ ର:ଅଙ୍କୁ ସମ୍ବୋଧିତ କରି କହିଲେ, ହେ ରସୁଲୁଲ୍ଲାଃ ସ:ଆ:ସଙ୍କ ଚଚାଙ୍କ ପୁତ୍ର ଓ ହଜୁର ସ:ଆ:ସଙ୍କ ଜ୍ୱାଇଁ କଣ ତୁମେ ମୁସଲମାନମାନଙ୍କ ଶକ୍ତି ଭଙ୍ଗ କରିବାକୁ ଚାହୁଁଛ ? ହଜ୍‌ରତ୍ ଅଲୀ ର:ଅ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍‌ଙ୍କର ଖଲିଫା ! ଆପଣ ଆଦୌ ଏ କଥାକୁ ଧରନ୍ତୁ ନାହିଁ । ଏହାପରେ ସେ ହଜ୍‌ରତ୍ ଅବବୁକର ର:ଅଙ୍କ ବୟତ କରିଥିଲେ ।

***(ସିରତ୍ ଅମୀରୁଲ୍ ମୁମିନିନ୍ ଅଲୀ ବିନ୍ ଅବି ତାଲିବ୍...... ପୃ-୧୧୯.... ଲେବ୍‌ନାନ୍-୨୦୦୬) (ସିରତୁନ୍ ନବୱିୟା ଲେ ଇବ୍‌ନେ କସିର୍ ପୃ-୬୯୩.... ବେରୁତ ୨୦୦୫)***

ତାରିଖେ ତିବ୍‌ରିରେ ଉଲ୍ଲେଖ ରହିଛି ଏହି ପୁସ୍ତକରେ ଯେ, ହବିବ୍ ବିନ୍ ଅବୁ ସାବିତ୍ ବର୍ଣ୍ଣନା କରନ୍ତି, ହଜ୍‌ରତ୍ ଅଲୀ ର:ଅ ନିଜ ଘରେ ଥିଲେ ଯେତେବେଳେ ତାଙ୍କ ନିକଟକୁ ଜଣେ ବ୍ୟକ୍ତି ଆସିଲେ ଏବଂ କହିଲେ ହଜ୍‌ରତ୍ ଅବୁ ବକର ର:ଅ ବୟତ ନେବାପାଇଁ ବିରାଜମାନ ଅଛନ୍ତି । ହଜ୍‌ରତ୍ ଅଲୀ ର:ଅ କୁର୍ତା ପରିଧାନ କରିଥିଲେ ସେ ସେହି ଅବସ୍ଥାରେ ବାହାରକୁ ଚାଲିଆସିଲେ ଏବଂ ଏଥିରେ ସେ ତିଳେମାତ୍ର ହେଳା କରିନଥିଲେ ଯେପରି କି ବିଳମ୍ବ ନ ହୋଇଯାଉ କାରଣ ସେ ବୟତ କରିବାରେ ବିଳମ୍ବ କରିବାକୁ ପସନ୍ଦ କରୁନଥିଲେ ଏବଂ ସେତେବେଳେ ନିଜ ଉପରେ କୌଣସି ଚଦର ଅବା ଅଧିକ ବସ୍ତ୍ର ତାଙ୍କର ନଥିଲା ଏପରି କି ସେ ଯାଇ ହଜ୍‌ରତ୍ ଅବୁ ବକର ର:ଅଙ୍କ ବୟତ କରି ତାଙ୍କ ନିକଟରେ ବସି ପଡ଼ିଲେ ସେଥିଅନ୍ତେ ନିଜ ବସ୍ତ୍ର ମଗାଇ ପଠାଇଲେ ଏବଂ ତାହା ପରିଧାନ କରି ହଜ୍‌ରତ୍ ଅବୁ ବକର ର:ଅଙ୍କ ବୈଠକରେ ସାମିଲ ହେଲେ ।

***(ତାରିଖେ ତିବ୍‌ରି ଖଣ୍ଡ-୩, ପୃ-୨୫୭, ହଦିସ୍....... ଲେବ୍‌ନାନ୍ ୨୦୦୨)***

ଅଲାମା ଇବ୍‌ନେ କସିର୍ କୁହନ୍ତି, ହଜ୍‌ରତ୍ ଅଲୀ ର:ଅ ହଜୁର ସ:ଆ:ସଙ୍କ ଦେହାନ୍ତ ପରେ ପ୍ରଥମ ଅବା ଦ୍ୱିତୀୟ ଦିନ ହଜ୍‌ରତ୍ ଅବୁ ବକର ର:ଅଙ୍କ ବୟତ କରିଥିଲେ କାରଣ ସେ କଦାପି ହଜ୍‌ରତ୍ ଅବୁ ବକର ର:ଅଙ୍କଠାରୁ ଅଲଗା ହୋଇନଥିଲେ ଏବଂ ହଜ୍‌ରତ୍ ଅବୁ ବକର ର:ଅଙ୍କ ପଛରେ ସାମୁହିକ ନମାଜ ପାଠ କରିବାରୁ ନିଜକୁ ପୃଥକ କରିନଥିଲେ ।

***(ସିରତୁନ୍ ନବୱିୟା, ପୃ-୬୯୪..... ବେରୁତ ୨୦୦୫)***

ହଜ୍‌ରତ୍ ଅକ୍‌ଦସ୍ ମସିହ ମଉଦ୍ ଆ:ସ କୁହନ୍ତି, ହଜ୍‌ରତ୍ ଅଲୀ ର:ଅ କରମହୁଲ୍ଲାଃହୁ ୱଜ୍‌ହୁ ପ୍ରଥମେ ହଜ୍‌ରତ୍ ଅବୁ ବକର ର:ଅଙ୍କର ବୟତ କରିବାକୁ ବିରୋଧ କରିଥିଲେ କିନ୍ତୁ ଘରକୁ ଯାଇ କେଜାଣି କଣ ହେଲା ସେ ପଗଡ଼ି ନ ବାନ୍ଧି ଓ ଖୁବ୍ ଶିଘ୍ର ଟୋପି ପିନ୍ଧି ବୟତ କରିବାକୁ ଚାଲିଆସିଥିଲେ ଏବଂ ପରେ ନିଜର ପଗଡ଼ି ମଗାଇଥିଲେ । ଏଥିରୁ ଏହା ପ୍ରତିତ ହେଉଛି, ତାଙ୍କ ମନରେ ଏହି ଚିନ୍ତାଧାରାଟି ଉଦ୍ରେକ ହୋଇଥିବ ଯେ, ଏହି କଥା ତ' ପୂର୍ଣ୍ଣ ଅବଜ୍ଞାମୂଳକ କଥା କି, ହଜ୍‌ରତ୍ ଅବୁ ବକର ର:ଅଙ୍କ ହସ୍ତରେ ବୟତରୁ ନିଜକୁ ଅଲଗା ରଖିବା । ଏହି କାରଣରୁ ସେ ବୟତ କରିବା ପାଇଁ ଶୀଘ୍ରତା ପ୍ରକାଶ କଲେ । ଯାହାଫଳରେ କି ସେ ପଗଡ଼ି ବାନ୍ଧି ପାରି ନଥିଲେ । ***(ମଲ୍‌ଫୁଜାତ୍ ଖଣ୍ଡ-୧୦, ପୃ-୧୮୩ ଏଡ଼ିଶନ୍ ୧୯୮୪)***

ଅର୍ଥାତ ସେ ପୂର୍ଣ୍ଣ ବସ୍ତ୍ର ମଧ୍ୟ ପରିଧାନ କରିପାରି ନଥିଲେ ଏବଂ ଶୀଘ୍ର ଶୀଘ୍ର ହଜ୍‌ରତ୍ ଅବୁ ବକର ର:ଅଙ୍କ ସେବାରେ ଉପସ୍ଥିତ ହୋଇଗଲେ ।

ଅନ୍ୟ କିସମର ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ହଜ୍‌ରତ୍ ଅଲୀ ର:ଅ ହଜ୍‌ରତ୍ ଫାତିମାଙ୍କ ଦେହାନ୍ତ ପରେ ହଜ୍‌ରତ୍ ଅବୁ ବକର ର:ଅଙ୍କର ବୟତ କରିଥିଲେ ଏହା ବୁଖାରୀର ବର୍ଣ୍ଣନା ଅଟେ । ***(ସହି ବୁଖାରୀ କିତାବୁଲ୍ ମଗାଜି.... ହଦିସ୍ ୪୨୪୦)***

ଯେବେ କି ଅନେକ ବିଦ୍ୱାନ ବୁଖାରୀର ଏହି ବର୍ଣ୍ଣନା ବିଶ୍ଳେଷଣ କରିଛନ୍ତି ଏତଏବ ଏହି ପ୍ରସଙ୍ଗରେ ଇମାମ୍ ବେହ୍‌କି ସୁନନୁଲ୍ କୁବ୍‌ରା ଇମାମ୍ ସାହାବୁଦ୍ଦିନ୍ ଜହ୍‌ରିନ୍‌ଙ୍କ ଆଲେଖ୍ୟ ଚର୍ଚ୍ଚା କରି କୁହନ୍ତି, ଇମାମ୍ ଜହ୍‌ରିନ୍‌ଙ୍କ କହିବା କି, ହଜ୍‌ରତ୍ ଅଲୀ ର:ଅ ହଜ୍‌ରତ୍ ଅବୁ ବକ୍କର ର:ଅଙ୍କ ବୟତ ହଜ୍‌ରତ୍ ଫାତିମାଙ୍କ ଦେହାନ୍ତ ପର୍ଯ୍ୟନ୍ତ କରିନଥିଲେ । ଏହା ସ୍ୱାଗତ ଯୋଗ୍ୟ କଥନ ନୁହେଁ କିନ୍ତୁ ହଜ୍‌ରତ୍ ଅବୁ ସଇଦ୍ ଖୁଦ୍‌ରିଙ୍କ ବର୍ଣ୍ଣନା ଅଧିକ ସଠିକ୍ ଜଣାଯାଉଛି କି ହଜ୍‌ରତ୍ ଅଲୀ ର:ଅ ସକିଫା ପରେ ଅର୍ଥାତ ସକିଫା ଘଟଣା ପରେ ହଜ୍‌ରତ୍ ଅବୁ ବକ୍କର ର:ଅଙ୍କର ସର୍ବ ସାଧାରଣ ବୟତ କରିବାରେ ସାମିଲ ହୋଇଥିଲେ ଏବଂ ତାଙ୍କ ହସ୍ତରେ ବୟତ କରିନେଇଥିଲେ । ***(ସୁନନୁଲ୍ କୁବ୍‌ରା ଲିଲ୍ ବେହ୍‌କି..... ହଦିସ୍ ୧୨୭୩୨)***

ଆଉ କେତେକ ବିଦ୍ୱାନ ଦୁଇ କଥନ ମଧ୍ୟରେ ସାମଞ୍ଜସ୍ୟ ରକ୍ଷା କରିବାପାଇଁ ପ୍ରୟାସ କରିଛନ୍ତି ଯେ ଏହି ଦ୍ୱିତୀୟ ବୟତକୁ ନବୀକରଣ ବୟତ ନାମରେ ନାମିତ କରିଛନ୍ତି ସେ ଯାହା ହେଉ ଏହା ଜରୁରୀ ନୁହେଁ ଯେ, ବୁଖାରୀର ସମସ୍ତ ବର୍ଣ୍ଣନା ସଠିକ୍ ହିଁ ଥିବ । ଅତଏବ ଡ଼ାକ୍ତର ଅଲୀ ମୁହମ୍ମଦ ସଲାବି ନିଜ ପୁସ୍ତକ ସିରତ୍ ଅମୀରୁଲ୍ ମୁମିନିନ୍ ଅଲୀ ବିନ୍ ଅବୁତାଲିବ୍‌ରେ ଉଲ୍ଲେଖ କରିଛନ୍ତି କି ଅଲାମା ଇବ୍‌ନେ କସିର୍ ଓ ଅନେକ ଜ୍ଞାନବନ୍ତଙ୍କ ମତରେ ହଜ୍‌ରତ୍ ଅଲୀ ର:ଅ ଛଅ ମାସ ପରେ, ଯେତେବେଳେ ହଜ୍‌ରତ୍ ଫାତିମାଙ୍କ ନିଧନ ଘଟିଲା ସେତେବେଳେ ପୁନଃ ହଜ୍‌ରତ୍ ଅବୁ ବକ୍କର ର:ଅଙ୍କ ହସ୍ତରେ ବୟତ କରିଥିଲେ ।

***(ସିରତ୍ ଅମୀରୁଲ୍ ମୁମିନିନ୍..... ପୃ-୧୨୧..... ବେରୁତ ୨୦୦୬)***

ସେ ଏହି ବୟତର ନାମ ନବୀକରଣ ବୟତ ରଖିଥିଲେ । ଅଲାମା ଇବ୍‌ନେ କଶିର୍ ଲେଖିଛନ୍ତି ଯେତେବେଳେ ହଜ୍‌ରତ୍ ଫାତିମା ର:ଅଙ୍କ ନିଧନ ହେଲା ସେତେବେଳେ ହଜ୍‌ରତ୍ ଅଲୀ ଏହା ହୃଦୟଙ୍ଗମ କଲେ କି, ହଜ୍‌ରତ୍ ଅବୁ ବକ୍କର ର:ଅଙ୍କ ହସ୍ତରେ ପୁନରାୟ ବୟତ କରିବା ଉଚିତ । ***(ସିରତୁନ୍ ନବୱିୟା ଲେ ଇବ୍‌ନେ କସିର୍ ପୃ-୬୯୪.... ବେରୁତ ୨୦୦୫)***

ଯେଉଁ ଲୋକମାନେ ହଜ୍‌ରତ୍ ଅବୁ ବକ୍କର ର:ଅଙ୍କ ଉପରେ ଏହି ଦୋଷାରୋପ କରନ୍ତି ଯେ ସେତେବେଳେ ହଜ୍‌ରତ୍ ଅଲୀ ର:ଅ ଖଲିଫା ହେବା ଉଚିତ ଥିଲା ନା' କି ହଜ୍‌ରତ୍ ଅବୁ ବକ୍କର ର:ଅଙ୍କ । ଉକ୍ତ କଥାର ବ୍ୟାଖ୍ୟା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି, ଯଦି ଆମେ ଏହା ମେନ କରିନେଉ ଯେ, ସିଦ୍ଦିକ୍ ଅକ୍‌ବର୍ ସେହି ଲୋକମାନଙ୍କ ମଧ୍ୟରୁ ଜଣେ ଥିଲେ ଯିଏ ସଂସାର ଓ ତା'ର ସୌନ୍ଦର୍ଯ୍ୟତାକୁ ପ୍ରାଧାନ୍ୟ ଦେଲେ ଓ ସଂସାରକୁ ଚାହିଁଲେ ଏବଂ ଅପହରଣକାରୀ ଥିଲେ ତେବେ ଏଭଳି ପରିସ୍ଥିତିରେ ଆମେ ଉକ୍ତ କଥା କହିବାପାଇଁ ବାଧ ହେବୁ କି ଏମାନେ ଏକଥା ମଧ୍ୟ ସ୍ୱୀକାର କରନ୍ତୁ କି ନଉଜୁବିଲ୍ଲାଃ ହଜ୍‌ରତ୍ ଅଲୀ ର:ଅ ମଧ୍ୟ ମୁନାଫିକ୍ ଅର୍ଥାତ କପଟ ବିଶ୍ୱାସୀଙ୍କ ମଧ୍ୟରେ ସାମିଲ ଥିଲେ ଏବଂ ଯେପରି ଆମେମାନେ ତାଙ୍କ ସପକ୍ଷରେ ଭାବୁ ଅବା ତାଙ୍କ ସମ୍ବନ୍ଧରେ ଚିନ୍ତା କରୁ ସେ ସାଂସାରିକତାକୁ ତ୍ୟାଗ କରି ଅଲ୍ଲାଃ ତାଲାଙ୍କ ପ୍ରତି ମୋହ ଲଗାଇନଥିଲେ ବରଂ ସେ ସାଂସାରିକତା ଓ ତାହାର ବିଳାସ ବାସନକୁ ଭଲ ପାଉଥିଲେ ଏବଂ ତାହାର ସୌନ୍ଦର୍ଯ୍ୟତା ପ୍ରତି ଆଶକ୍ତ ଥିଲେ ତେବେ ସେ ଅବିଶ୍ୱାସକାରୀ ଓ ଧର୍ମଭ୍ରଷ୍ଟ ବ୍ୟକ୍ତିର ସାହଚର୍ଯ୍ୟତାକୁ ପରିତ୍ୟାଗ କଲେ ନାହିଁ ବରଂ ଚାଟୁକାରିତା ଅବଲମ୍ବନକାରୀଙ୍କ ପରି ସେମାନଙ୍କ ମଧରେ ସାମିଲ ଥିଲେ ଏବଂ ପ୍ରାୟ ତିରିଶି ବର୍ଷ ବ୍ୟାପି ଧର୍ମ ପରାୟଣତା ଅବଲମ୍ବନ କଲେ ଏବଂ ଉକ୍ତ କଥାକୁ କାହାରି ଆଗରେ ପ୍ରକାଶ ନ କରି ମନ ଭିତରେ ଚାପି ରଖିଥିଲେ ପୁନଶ୍ଚ ଯେତେବେଳେ ସିଦ୍ଦିକେ ଅକ୍‌ବର୍ ହଜ୍‌ରତ୍ ଅଲୀ ର:ଅଙ୍କ ଦୃଷ୍ଟିରେ ଅପହରଣକାରୀ ଥିଲେ ତା'ହେଲେ ହଜ୍‌ରତ୍ ଅଲୀ ର:ଅ କାହିଁକି ତାଙ୍କର ବୟତ କରିବାକୁ ସହମତି ପ୍ରକାଶ କରିଥିଲେ ଏବଂ କାହିଁକି ସେ ଅନ୍ୟାୟ, ଅତ୍ୟାଚାର, ଉପଦ୍ରବ ଓ ଧର୍ମପରାୟଣର ଭୂମିଠାରୁ ଅନ୍ୟ ଦେଶ ଆଡ଼କୁ ହିଜ୍‌ରତ୍ କରିଗଲେ ନାହିଁ ? କଣ ଅଲ୍ଲାଃ ତାଲାଙ୍କ ଭୂମି ଏତେ ପ୍ରଶସ୍ତ ନଥିଲା କି ସେ ସେଠାକୁ ପ୍ରବାଶ କରିଯାଇଥାନ୍ତେ । ଯେପରି ଜଣେ ଧର୍ମ ପରାୟଣ ବ୍ୟକ୍ତିର ଏହି ପରମ୍ପରା ରହିଛି କି ବିଦ୍ରୋହ ଓ ଉପଦ୍ରବ ସମୟରେ ଅନ୍ୟ ଦେଶକୁ ପ୍ରବାଶ କରିଯିବା ଉଚିତ । ବିଶ୍ୱସ୍ତ ଇବ୍ରାହିମ୍ ଆ:ସଙ୍କୁ ଦେଖ ଯେ, ସତ୍ୟ ସାକ୍ଷ୍ୟ ଦେବାପାଇଁ କିପରି ଦୃଢ଼ ମନଙ୍କ ଥିଲେ ଏବଂ ଅଗ୍ନୀରେ ନିକ୍ଷେପ ହେଲେ ଏବଂ ଉପଦ୍ରବି ମାନଙ୍କୁ ଭୟ ନ କରି ଲୁଚି ନଥିଲେ । ଏହା ହେଉଛି ଜଣେ ପୂଣ୍ୟବାନ ବ୍ୟକ୍ତିର ଜୀବନୀ କି ସେ ଖଡ୍ଗ ଏବଂ ତୀରର ମୂନକୁ ଭୟ କରନ୍ତି ନାହିଁ ଏବଂ ସେ ଅନ୍ୟ କଥା ଉପରେ ଭରଷା କରିବାକୁ ମହାପାପ ଓ ନିର୍ଲଜତା ବୋଲି ବୋଧ କରନ୍ତି । ଆମେ ଆଶ୍ଚର୍ଯ୍ୟ ଯେ ହଜ୍‌ରତ୍ ଅଲୀ ର:ଅ ହଜ୍‌ରତ୍ ସିଦ୍ଦିକେ ଅକ୍‌ବର୍ ଏବଂ ଫାରୁକ୍ ର:ଅଙ୍କୁ ଅବିଶ୍ୱାସକାରୀ ଏବଂ ଅପହରଣକାରୀ ବ୍ୟକ୍ତି ବୋଲି ଜାଣିବା ସତ୍ୱେ ମଧ ହଜ୍‌ରତ୍ ଅଲୀ ର:ଅ କିପରି ଜାଣିଶୁଣି ତାଙ୍କର ବୟତ କରିନେଇଥିଲେ ଏବଂ ପୂର୍ନ ନିଷ୍ଠା ଓ ଆସ୍ଥା ପୁର୍ବକ ସେହି ଦୁହିଁଙ୍କ ଅନୁସରଣ କରିଥିଲେ ? ତାଙ୍କ ଆଦେଶ ପାଳନ କରିଥିଲେ ଏବଂ ଏଥିରେ ସେ ନା' କେବେ କୌଣସି ଦୁର୍ବଳତା ପ୍ରକାଶ କରିଥିଲେ ନା ହିଁ କୌଣସି ଘୃଣାଭାବ ପ୍ରଦର୍ଶନ କରିଥିଲେ । ଅତଏବ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସ୍ୱଷ୍ଟରୂପେ କହିଦେଇଛନ୍ତି ଯେ, ହଜ୍‌ରତ୍ ଅଲୀ ର:ଅ କେବେ ହେଲେ ନିଜ ପୂର୍ବ ଖଲିଫାଙ୍କର ବିରୋଧ ପ୍ରଦର୍ଶନ କରିନଥିଲେ ବରଂ ତାଙ୍କର ବୟତ କରିଥିଲେ ନଚେତ ତୁମେମାନେ ଯେଉଁ କଥା ହଜ୍‌ରତ୍ ଅଲୀ ର:ଅଙ୍କ ସମ୍ପର୍କରେ କହୁଛ ଯେ, ସେ ହଜ୍‌ରତ୍ ଅବୁ ବକ୍କର ର:ଅଙ୍କର ବୟତ କରିନଥିଲେ ବୋଲି ତେଣୁ ଜାଣି ରଖନ୍ତୁ ଯେ, ଉକ୍ତ କଥାଟି ହଜ୍‌ରତ୍ ଅଲୀ ର:ଅଙ୍କ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଥାଏ ନା କି ତାଙ୍କ ମର୍ଯ୍ୟାଦାକୁ ବୃଦ୍ଧି କରିଥାଏ ଏବଂ ଯେତେବେଳେ ବାଦ୍ଧକ ସାଜିଲା ସେତେବେଳେ ଆପଣଙ୍କ ବିଶ୍ୱାସର ମାନ ଆପଣଙ୍କୁ ସେଥିରୁ ନିବୃତ ରଖିଲା କି ଆପଣ ସେହି ଦୃବୁତଙ୍କ ବିଶୃଙ୍ଖଳା ଓ ଫେରିଯିବା ପ୍ରସଙ୍ଗରେ ସଚେତନ ଥିଲେ ।

ଅଲାମା ଆଜି କୁହନ୍ତି ଆପଣ ଓ ଆରବର ଗୋଷ୍ଠୀ ସମୁହ ମଧ୍ୟରେ କୌଣସି ବନ୍ଦ ଦ୍ୱାର ନଥିଲା ନା କୌଣସି ପରଦା ଏବଂ ନା ଆପଣଙ୍କର କୌଣସି କଏଦୀ ଥିଲେ ଏପରି ଅବସ୍ଥାରେ ଆପଣ ଉପରେ ଏହା ଅନିବାର୍ଯ୍ୟ ଥିଲା ଯେ ଆପଣ ଆରବର ଅନ୍ୟ କୌଣସି ଅଂଚଳ ଆଡ଼କୁ ପ୍ରବାଶ କରିଯାଇଥାନ୍ତେ ଯଦି ଏଭଳି କୌଣସି ପରିସ୍ଥିତି ଉପୁଜିଥିଲା ସେ କାହିଁକି ପ୍ରବାଶ କରିଗଲେନାହିଁ ଏବଂ ଲୋକମାନଙ୍କୁ ଯୁଦ୍ଧ କରିବାପାଇଁ କାହିଁକି ପ୍ରବତାଉ ଥିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ପ୍ରବାଶ କରିବା ପରିବର୍ତେ ଅପାଠୁଆ ଗାଉଁଲି ଲୋକମାନଙ୍କୁ ଯୁଦ୍ଧ ପାଇଁ ପ୍ରବର୍ତାଇବା ଏବଂ ନିଜ ଦକ୍ଷ କଥନ ଶୈଳୀ ଦ୍ୱାରା ମୁସଲମାନ ମୁସ୍‌ଲେମା ବିନ୍ କଜାବ୍ ନିଜ ସାଥିରେ ପାଖାପାଖି ଏକ ଲକ୍ଷ୍ୟ ଗାଉଁଲି ଲୋକମାନଙ୍କୁ ଏକତ୍ରିତ କରିନେଇଥିଲା । ଯେତେବେଳେ କି ହଜ୍‌ରତ୍ ଅଲୀ ର:ଅ ଏହି ସାହାଯ୍ୟର ଅଧିକ ଅଧିକାରୀ ଥିଲେ ଏବଂ ଏଭଳି ଦଳବଦ୍ଧ କରିବା ତାଙ୍କ ପାଇଁ ଉପଯୁକ୍ତ ଥିଲା । ଏଥି ପରିବର୍ତେ ସେ ଅମାନ୍ୟକାରୀଙ୍କ ପଛରେ ପଡ଼ିଗଲେ ଅର୍ଥାତ ଖଲିଫାଙ୍କ ଯାହାଙ୍କୁ ତୁମେ ଅମାନ୍ୟକାରୀ କହୁଛ ତାଙ୍କରି ଅନୁଗାମି ପାଲଟି ଗଲେ କିନ୍ତୁ ସେ ତ ଶାନ୍ତ ପଡ଼ିଗଲେ ଅର୍ଥାତ ତାଙ୍କର ବିରୋଧ କରିବା ପରିବର୍ତେ ହଜ୍‌ରତ୍ ଅବୁ ବକ୍କର ର:ଅଙ୍କର ସେ ନୀରବ ରହିଲେ ଏବଂ ସଂଘର୍ଷକାରୀଙ୍କ ପରି ଅଂଟା ଭିଡ଼ିଲେ ନାହିଁ ତେବେ ତାହାର କାରଣ କଣ ଥିଲା ? ଯଦ୍ୱାରା ଆପଣ ଏଭଳି ଉଚ୍ଚ ଆସନରେ ବିରାଜମାନ ଥାଇ ପଦାକୁ ବାହାରିଲେ ନାହିଁ ଏବଂ ଏପରି ସମସ୍ତ ପ୍ରକାର କାର୍ଯ୍ୟରୁ ଅବା ବିଦ୍ରୋହରୁ ନିବୃତ ରହିଲେ, ଆପଣ ଲୋକମାନଙ୍କ ଏଥିପାଇଁ କାହିଁ ଉସୁକାଇଲେ ନାହିଁ ଯେତେବେଳେ କି ଆପଣ ଅନ୍ୟମାନଙ୍କ ତୁଳନାରେ ଜଣେ ସୁଦକ୍ଷ ବକ୍ତା ଓ ଉପଦେଶକାରୀ ଥିଲେ ଏବଂ ସେହିମାନଙ୍କ ମଧ୍ୟରୁ ନଥିଲେ ଯେ, କଥନ ବିପ୍ଳବର ନବଉନ୍ମାଦନ ସଂଚାର କରିଦେଇଥାନ୍ତି । ନିଜ ଉତମ ଭାଷା ଓ ସୁନ୍ଦର ବର୍ଣ୍ଣନା ଶୈଳୀରେ ସେ ଶ୍ରୋତାବନ୍ଧୁଙ୍କୁ ପ୍ରଭାବିତ କରି ଏକତ୍ରିତ କରିଦେଉଥିଲେ ଯେତେବେଳେ କି ଲୋକେ ଜଣେ ମିଥ୍ୟାଚାରୀ ଓ ଷଡ଼ଯନ୍ତ୍ରକାରୀ

ଚର୍ତୁପାଶ୍ୱରେ ଯମାଟ ବାନ୍ଧିଥିଲେ ଏପରି ପରିସ୍ଥିତିରେ ଈଶ୍ୱରଙ୍କ ମହାବଳ ବାଘ ଅର୍ଥାତ ସିଂହ କାର୍ଯ୍ୟ ତ ଏପରି ହେବା ଅନିବାର୍ଯ୍ୟ ଥିଲା ଯେପରି ବିଗତରେ ଐଶ୍ୱର୍ଯ୍ୟମୟ ପ୍ରଭୁ ଓ ସମଗ୍ର ଜଗତର ପାଳନକର୍ତାଙ୍କ ପ୍ରିୟ ବଡ଼ ବଡ଼ କାର୍ଯ୍ୟ ସମ୍ପାଦନ କରୁଥିଲା । ଅର୍ଥାତ ହଜ୍‌ରତ୍ ଅଲୀ ର:ଅ ହଜ୍‌ରତ୍ ଅବୁ ବକ୍କର ର:ଅଙ୍କର ବିରୋଧ କରିବା ପରିବର୍ତେ ତାଙ୍କର ଅନୁଗାମୀ କାହିଁକି ହୋଇଯାଇଥିଲେ ପୁଣି ଆଶ୍ଚର୍ଯ୍ୟ ଜନକ କଥା ଯେ ଆପଣ କେବଳ ହଜ୍‌ରତ୍ ଅବୁ ବକ୍କର ର:ଅଙ୍କର ବୟତ କଲେନାହିଁ ବରଂ ପ୍ରତ୍ୟେକ ନମାଜରେ ହଜ୍‌ରତ୍ ଅବୁ ବକ୍କର ର:ଅ ଓ ହଜ୍‌ରତ୍ ଉମ୍ର ର:ଅଙ୍କ ପଛରେ ଛିଡ଼ା ହୋଇ ନମାଜ ପାଠ କରୁଥିଲେ ଏବଂ କଦାପି ଏଥିରୁ ସେ ଓହରି ଯାଇନଥିଲେ ନାଁ କେବେ ସେ ଏହାର ପ୍ରତିବାଦ କରିଥିଲେ ନା ଅଭିଯୋଗ କରିଥିଲେ । ପୁଣି ତାଙ୍କ ସୁରାଃ ରେ ମଧ୍ୟ ସାମିଲ ହେଉଥିଲେ, ମଜ୍‌ଲିସେ ସୁରାଃରେ ତାଙ୍କର ସାମିଲ ହେଉଥିଲେ ଏବଂ ନିଜର ପୂର୍ଣ୍ଣ ସାମର୍ଥ୍ୟ ଓ ସାହାସର ସହିତ ତାଙ୍କର ସାହାଯ୍ୟ ସହଯୋଗ କରୁଥିଲେ । ଏହା ଅନୁଧ୍ୟାନ କର ଏବଂ କୁହ କଣ ଅମାନ୍ୟକାରୀ ଓ ଅତ୍ୟାଚାରୀମାନଙ୍କ ଏପରି ଉଦାହରଣ ଦେଖିବାକୁ ମିଳେ ? ପୁଣି ଚିନ୍ତା କରି କୁହ କଣ ମିଥ୍ୟା ଓ ଛଳନା କରିବା ଜ୍ଞାତ ହେବା ପରେ ହଜ୍‌ରତ୍ ଅଲୀ ର:ଅ ସେହି କପଟ ବିଶ୍ୱାସୀଙ୍କ ଅନୁସରଣ କରୁଥିଲେ ଯେପରି କି ସତ୍ୟ ଓ ମିଥ୍ୟା ଉଭୟ ତାଙ୍କ ପାଇଁ ଏକାପରି ଥିଲା କଣ ହଜ୍‌ରତ୍ ଅଲୀ ର:ଅ ଏହା ଜାଣିନଥିଲେ ଯେ ଯେଉଁ ବ୍ୟକ୍ତି ସର୍ଜନ ପ୍ରଭୁଙ୍କ ଉପରେ ଆସ୍ଥା ରଖନ୍ତି ସେମାନେ କ୍ଷଣକ ପାଇଁ ମଧ୍ୟ ପରିହାସର ମାର୍ଗକୁ ଗୁରୁତ୍ୱ ଦେଇନଥାନ୍ତି ତେବେ ସତ୍ୟ ପାଇଁ ତାଙ୍କୁ ଜୀବନ୍ତ ଜାଳି କାହିଁ ନ ଦିଆଯାଉ ଏବଂ ଖଣ୍ଡ ଖଣ୍ଡ କରି ଦିଆନଯାଉ ।

*(ସିର୍‌ରୁଲ୍ ଖିଲାଫାଃ, ରୁହାନି ଖଜାଇନ୍, ଖଣ୍ଡ-୮, ପୃ-୩୪୯-୩୫୧- ଉର୍ଦ୍ଦୁ ଅନୁବାଦ ସିର୍‌ରଲ୍ ଖିଲାଫାଃ ପୃ-୮୬-୯୧- ପ୍ରକାଶକ- ନଜାରତ୍ ଇଶାଅତ୍ ରବୱା)*

ଅତଏବ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସ୍ୱଷ୍ଟରୂପେ କହିଦେଇଛନ୍ତି ଯେ ହଜ୍‌ରତ୍ ଅଲୀ କେବେ ମଧ ନିଜ ପୂର୍ବରୁ ଥିବା ଖଲିପାମାନଙ୍କର ବିରୋଧ କରି ନାହାନ୍ତି ବରଂ ସେମାନଙ୍କର ବୟତ କରିଛନ୍ତି । ଅନ୍ୟଥା ଯେଉଁ କଥାସବୁ ତୁମେ ହଜ୍‌ରତ୍ ଅଲୀ ର:ଅଙ୍କ ସମ୍ବନ୍ଧରେ କହୁଅଛ ଯେ ସେ ହଜ୍‌ରତ୍ ଅବୁବକର୍ ର:ଅଙ୍କର ବୟତ କରିନାହାନ୍ତି ବୋଲି । ଏପରି କଥା ତ ହଜ୍‌ରତ୍ ଅଲୀ ର:ଅଙ୍କ ପଦମର୍ଯ୍ୟାଦାକୁ ବଢ଼ାଇବା ପରିବର୍ତେ ଘଟାଇଥାଏ ।

ହଜ୍‌ରତ୍ ଅଲୀ ର:ଅ ତାଙ୍କ ପୂର୍ବରୁ ଆସିଥିବା ତିନିଜଣ ଖଲିଫାଙ୍କ ସମୟରେ ଇସ୍‌ଲାମ୍‌ର କିପରି ସେବା କରିଛନ୍ତି ଦେଖି ନିଅନ୍ତୁ । ଯେତେବେଳେ ରସୁଲେ୍ କରିମ୍ ସ:ଆ:ସଙ୍କର ଦେହାନ୍ତ ହୋଇଗଲା ସେତେବେଳେ ଆରବର ଅନେକ କବିଲା (ଗୋଷ୍ଠୀ) ମୁର୍‌ତଦ୍ ଅର୍ଥାତ ଧର୍ମ ପରିତ୍ୟାଗ କରିଦେଲେ ଏବଂ ମଦିନାରେ ମଧ ମୁନାଫିକ୍ ଅର୍ଥାତ କପଟାଚାରୀମାନେ ମୁଣ୍ଡ ଟେକିଲେ । ବନୁ ହନିଫା ଏବଂ ୟମାମାର ବହୁତ ଲୋକେ ମୁସ୍‌ଲେମା କଜ୍ଜାବ୍ ସହିତ ମିଶିଗଲେ ଯେବେ କି, ବନୁ ଅସଦ୍, ତଏ କବିଲା ସେହିପରି ଆହୁରି ଅନେକ ଲୋକେ ତୁଲୈହା ଉସୈଦେ ନିକଟରେ ଏକାଠି ହୋଇଗଲେ । ସେ ମଧ ମୁସ୍‌ଲେମା କଜ୍ଜାବ୍ ପରି ନବୁଓ୍ୱତ୍‌ର ଦାବି କରିଥିଲା । ସଙ୍କଟ ବହୁତ ବଢ଼ିଗଲା ଏବଂ ପରିସ୍ଥିତି ଭିଷଣ ବିଗିଡ଼ିଗଲା । ଏହିଭଳି ପରିସ୍ଥିତିରେ ଯେତେବେଳେ ହଜ୍‌ରତ୍ ଅବୁବକର ର:ଅ ହଜ୍‌ରତ୍ ଉସାମା ର:ଅଙ୍କ ସେନାଦଳକୁ ପ୍ରେରଣ କରୁଥିଲେ ସେତେବେଳେ ଅବୁ ବକରଙ୍କ ନିକଟରେ ବହୁତ କମ୍ ଲୋକ ଥିଲେ । ଏହା ଦେଖି ବହୁତ ବେଡୁଇନ୍ ଏ ଚିନ୍ତା କଲେ ଯେ ଏବେ ମଦିନା ଉପରେ ଆକ୍ରମଣ କରାଯାଉ । ଏହା ଦେଖି ହଜ୍‌ରତ୍ ଅବୁ ବକର ର:ଅ ମଦିନା ଭିତରକୁ ପ୍ରବେଶ କରୁଥିବା ବିଭିନ୍ନ ରାସ୍ତା ଉପରେ କଡ଼ା ପ୍ରହରୀ ଲଗାଇଲେ, ଯେଉଁମାନେ ନିଜ ନିଜର ଦଳକୁ ସାଥିରେ ନେଇ ମଦିନାର ଚତୁଃପାର୍ଶ୍ୱରେ ପହରା ଦେଇ ରାତି ବିତାଉଥିଲେ । ସେହି ପ୍ରହରୀମାନଙ୍କର ନିରୀକ୍ଷକମାନଙ୍କ ମଧରେ ହଜ୍‌ରତ୍ ଅଲୀ ବିନ୍ ଅବୁ ତାଲିବ୍ ର:ଅ, ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍, ତଲ୍‌ହା ବିନ୍ ଅବ୍‌ଦୁଲ୍ଲାଃ, ସାଆଦ୍ ବିନ୍ ଅବି ୱକାସ୍ ର:ଅ, ଅବ୍‌ଦୁର୍ ରହ୍‌ମାନ୍ ବିନ ଔଫ୍ ଓ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ଥିଲେ ।

*(ଅଲ୍‌ବିଦାୟତୁନ୍ ନହାୟା ଖଣ୍ଡ-୭, ପୃ-୩୦୭-୩୦୮..... ବେରୁତ୍ ୨୦୦୧)*

ରସୁଲୁଲ୍ଲାଃ ସ:ଆ:ସଙ୍କ ଦେହାନ୍ତ ବିଷୟରେ ଯେବେ ଖବର ବ୍ୟାପିଗଲା, ସେତେବେଳେ ଆରବ ଅଧିକାଂଶ କବିଲା ମୁର୍‌ତଦ୍ (ଧର୍ମତ୍ୟାଗୀ) ହୋଇଗଲେ । ଜକାତ୍ ଦେଲେନାହିଁ ହଜ୍‌ରତ୍ ଅବୁବକର ର:ଅ ସେମାନଙ୍କ ସହିତ ଯୁଦ୍ଧ କରିବାପାଇଁ ମନସ୍ଥ କଲେ । ଉରୁୱା ବର୍ଣ୍ଣନା କରୁଛନ୍ତି ଯେ ହଜ୍‌ରତ୍ ଅବୁବକର ର:ଅ ମୁହାଜିର୍ ଏବଂ ଅନ୍‌ସାରମାନଙ୍କୁ ସାଥିରେ ଧରି ମଦିନାରୁ ବାହାରିଲେ । ଯେତେବେଳେ ନଜଦ୍‌ର ଏକ ଉଚ୍ଚାସ୍ଥାନ ସମ୍ମୁଖରେ ଥିବା ଗୋଟିଏ ପୋଖରୀ ନିକଟରେ ପହଂଚିଲେ ସେତେବେଳେ ବେଡୁଇନ୍‌ମାନେ ନିଜର ପିଲାପିଲି ସମତେ ପଳାୟନ କଲେ । ପ୍ରକୃତ କଥା ହେଉଛି ଏହା କି ଗୋଟିଏ ପଟେ ସେମାନେ ମୁସଲମାନ ହେବାର ମଧ ଦାବି କରୁଥିଲେ ଓ ଦ୍ୱିତୀୟ ପଟେ ଜକାତ୍ ଦେବାକୁ ମନା କରିଦେଲେ । ସେଥିଯୋଗୁଁ ଯୁଦ୍ଧ କରାଗଲା । ଏହା ନୁହେଁ କି ସେମାନେ ଧର୍ମତ୍ୟାଗ କରିଥିବା ଯୋଗୁଁ ତାଙ୍କ ସହିତ ଯୁଦ୍ଧ କରାଗଲା । ଯେତେବେଳେ ସେମାନେ ପଳାୟନ କଲେ, ସେତେବେଳେ ଲୋକମାନେ ହଜ୍‌ରତ୍ ଅବୁବକର ର:ଅଙ୍କୁ କହିଲେ ଯେ ଆପଣ ନିଜ ପିଲାପିଲି ଓ ପତ୍ନୀମାନଙ୍କ ନିକଟକୁ ମଦିନା ଲେଉଟି ଯାଆନ୍ତୁ ଏବଂ ସେନାଦଳର ଅମୀର ଆଉ କାହାକୁ ବନାଇ ଦିଅନ୍ତୁ । ଲୋକମାନଙ୍କର ବାରମ୍ବାର କହିବାରେ ହଜ୍‌ରତ୍ ଅବୁବକର ର:ଅ ହଜ୍‌ରତ୍ ଖାଲିଦ୍ ବିନ୍ ୱଲିଦ୍ ର:ଅଙ୍କୁ ସେନାଦଳର ଅମୀର ରୂପେ ମୁତୟନ କଲେ ଏବଂ ତାଙ୍କୁ କହିଲେ ଯେ ଯଦି ଏହି ଲୋକମାନେ ଇସ୍‌ଲାମ୍ ଗ୍ରହଣ କରିନିଅନ୍ତି ଓ ଜକାତ ଦେବାକୁ ଚାହାନ୍ତି ତେବେ ସେମାନଙ୍କୁ ଇସ୍‌ଲାମ୍ ଓ ଜକାତ୍ ପାଇଁ ଅନୁମତି ଦେଇଦେବେ । ତା'ପରେ ହଜ୍‌ରତ୍ ଅବୁବକର ର:ଅ ମଦିନା ଚାଲି ଆସିଲେ ।

*(ତାରିଖୁଲ୍ ଖୋଲାଫାଆ..... ପୃ-୬୧)*

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି, ହଜ୍‌ରତ୍ ଉମର୍ ର:ଅ ନିଜ ଶାସନକାଳରେ କେତେକ ଯାତ୍ରାର ସମ୍ମୁଖିନ ହେବା ଯୋଗୁଁ ନିଜ ସ୍ଥାନରେ ହଜ୍‌ରତ୍ ଅଲୀ ର:ଅଙ୍କୁ ମଦିନାର ଅମୀର ନିଯୁକ୍ତ କରିଥିଲେ । ସୁତରାଂ ତିବ୍‌ରୀର ପୁସ୍ତକରେ ଉଲ୍ଲେଖ ରହିଛି ଯେ, ଜସର୍ ଯୁଦ୍ଧ ସମୟରେ ଯେଉଁ ମୁସଲମାନମାନଙ୍କୁ ଇରାନୀୟ ସୈନ୍ୟଦଳର ମୁକାବିଲା କରିବାକୁ ଯାଇ ଏକ ପ୍ରକାରର ପରାଜୟର ସ୍ୱାଦ ଆସ୍ୱାଦନ କରିବାକୁ ପଡ଼ିଥିଲା ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ଲୋକମାନଙ୍କର ପରାମର୍ଶ କ୍ରମେ ଏହି ନିଷ୍ପତି ନେଇଥିଲେ ଯେ, ସେ ସ୍ୱୟମ ଇସ୍‌ଲାମୀୟ ସେନା ଦଳ ସହିତ ଇରାନ୍‌ର ସୀମାକୁ ଚାଲିଯିବେ ଏବଂ ସେମାନଙ୍କ ସହିତ ଯୁଦ୍ଧ ଲଢ଼ିବେ ସେତେବେଳେ ସେ ନିଜ ପଛରେ ହଜ୍‌ରତ୍ ଅଲୀ ର:ଅଙ୍କୁ ମଦିନାର ଗର୍ଭର୍ଣ୍ଣର ନିଯୁକ୍ତ କରିଥିଲେ ।

*(ହକ୍‌କୁଲ୍ ୟକିନ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୯, ପୃ-୩୮୩-୩୮୪)*

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଆହୁରି କୁହନ୍ତି ସର୍ବବୃହତ ଓ ଭୟଙ୍କର ପରାସ୍ତ ଯାହାକି ମୁସଲମାନମାନଙ୍କୁ ସହ୍ୟ କରିବାକୁ ପଡ଼ିଥିଲା ତାହା ଜସର୍ ଯୁଦ୍ଧ ଥିଲା ଯାହାକୁ ଜଙ୍ଗେ ଜସର୍ କୁହନ୍ତି । ଇରାନୀମାନଙ୍କ ମୁକାବିଲାରେ ମୁସଲମାନମାନଙ୍କର ବଳିଷ୍ଠ ସେନା ଦଣ୍ଡାୟମାନ ଥିଲା । ଇରାନି ସେନାଧ୍ୟକ୍ଷ ଦରିଆ ଆରପଟେ ଧାଡ଼ି ବାନ୍ଧି ମୁସଲମାନମାନଙ୍କ ଅପେକ୍ଷାରତ ଥିଲା । ମୁସଲମାନମାନେ ଆବେଗପୂର୍ଣ୍ଣତାର ସହ ଆକ୍ରମଣ କରିବା ଆରମ୍ଭ କରିଥିଲେ ଏବଂ ଶତ୍ରୁଙ୍କୁ ପଛକୁ ଧକ୍କା ଦେବାରେ ସଫଳ ହୋଇଥିଲେ । କିନ୍ତୁ ଇରାନି ସେନାଧ୍ୟକ୍ଷ ଗୋଟିଏ ଦଳକୁ ପ୍ରେରଣ କରି ପୋଲ ଉପରେ କବଜା କରିନେଇଥିଲା । ସେମାନେ ସେହି ସ୍ଥଳେ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦେଲେ ତାହା ଦେଖି ମୁସଲମାନମାନେ ଅନ୍ୟପଟରେ ଆକ୍ରମଣ କରିବାକୁ ବାହାରିଲେ କିନ୍ତୁ ସେଠାରେ ମଧ୍ୟ ଶତ୍ରୁ ଭିଷଣ ଆକ୍ରମଣ କରିଦେଇଥିଲା ଯଦ୍ୱାରା ମୁସଲମାନମାନଙ୍କର ଏକ ବଡ଼ ସଂଖ୍ୟା ନଦୀକୁ ଡ଼େଇଁବାକୁ ବାଧ ହୋଇଥିଲା । ଏପରି ସେମାନେ ବୁଡ଼ି ନଦୀଜଳରେ ପ୍ରାଣତ୍ୟାଗ କରିଥିଲେ । ଏହି ଖବର ମଦିନାକୁ ମଧ୍ୟ ଆନ୍ଦୋଳିତ କରିଦେଇଥିଲା । ସେତେବେଳେ ହଜ୍‌ରତ୍ ଉମର୍ ମଦିନବାସୀଙ୍କୁ ଏକତ୍ରିତ କଲେ ଏବଂ କହିଲେ, ମଦିନା ଓ ଇରାନି ମଧ୍ୟରେ କୌଣସି ପ୍ରତିବନ୍ଧକ ନାହିଁ । ମଦିନା ବର୍ତମାନ ଉଲଗ୍ନ ସମ୍ଭବତଃ ଶତ୍ରୁମାନେ ଏଠାରେ ଆସି ପହଂଚିଯିବେ । ତେଣୁ ମୁଁ ସ୍ୱୟମ ସେନାଧ୍ୟକ୍ଷ ହୋଇ ଯୁଦ୍ଧ ଲଢ଼ିବାକୁ ଯିବି । ସମସ୍ତେ ଏହି ପ୍ରସ୍ତାବକୁ ସ୍ୱାଗତ ଜଣାଇଥିଲେ କିନ୍ତୁ ହଜ୍‌ରତ୍ ଅଲୀ ର:ଅ କହିଲେ, ପ୍ରଭୁ ନ କରନ୍ତୁ ଯଦି ଆପଣ ଯୁଦ୍ଧରେ ଶହୀଦ ହୋଇଗଲେ ତେବେ ମୁସଲମାନମାନଙ୍କର ମେରୁଦଣ୍ଡ ଭାଙ୍ଗିଯିବ ସେମାନଙ୍କର କୌଣସି ଅସ୍ତିତ୍ୱ ବାକି ରହିବ ନାହିଁ । ସେମାନଙ୍କ ସୌନ୍ଦର୍ଯ୍ୟ ନଷ୍ଟ ହୋଇଯାଆନ୍ତି ତେଣୁ ଅନ୍ୟ କାହାରିକୁ ପ୍ରେରଣ କରନ୍ତୁ ଆପଣ ସ୍ୱୟମ ନଯାଆନ୍ତୁ ଏଥିରେ ହଜ୍‌ରତ୍ ଉମ୍ର ର:ଅ ହଜ୍‌ରତ୍ ସାଆଦ୍‌ଙ୍କୁ ଯିଏକି ସିରିୟାରେ ରୋମୀମାନଙ୍କ ସହ ସଂଘର୍ଷରେ ବ୍ୟସ୍ତ ଥିଲେ ତାଙ୍କୁ ପତ୍ର ଲେଖିଲେ କି ତୁମେ ଯେମୋତ୍ରାରେ ସେନା ପ୍ରେରଣ କରିପାରିବ ଇରାନିମାନଙ୍କ ବିରୋଧରେ ମୁସଲମାନମାନଙ୍କ ସହାୟତା ପାଇଁ ପ୍ରେରଣ କରିଦିଅ । କାରଣ ବର୍ତମାନ ମଦିନା ସମ୍ପୂର୍ଣ୍ଣରୂପେ ନିବସ୍ତ୍ର ଯଦି ଶତ୍ରୁ ଉପରେ ତତ୍‌କ୍ଷଣାତ କଟକଣା ନ ଲଗାଯାଏ ତେବେ ସେ ମଦିନା ଉପରେ ନିଜର ଅଧିକାର ଜମାଇ ଦେବେ ।

*(ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହ୍‌ମଦୀୟା କେ ସାଲାନା ଇଜ୍‌ତିମା....ରେ କିଛି ଗରୁତ୍ୱପୂର୍ଣ୍ଣ ଉପଦେଶ, ଅନୱାରୁଲ୍ ଉଲୁମ୍ ଖଣ୍ଡ-୨୨, ପୃ-୫୬-୫୭)*

ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଶାସନକାଳରେ ଯେତେବେଳେ ବିଦ୍ରୋହ ଓ ଉପଦ୍ରବର ସୂତ୍ରପାତ ଘଟିଥିଲା ସେତେବେଳେ ହଜ୍‌ରତ୍ ଅଲୀ ର:ଅ ସେହି ଉପଦ୍ରବକୁ ମୂଳପୋଛ କରିବାପାଇଁ ଉସ୍‌ମାନ ର:ଅଙ୍କୁ ନିଷ୍ଠାପୂର୍ବକୁ ପରାମର୍ଶ ଦେଇଥିଲେ ଏକଦା ହଜ୍‌ରତ୍ ଉସ୍‌ମାନ ପଚାରିଲେ ଦେଶରେ ଯେଉଁ ବିଭ୍ରାଟ ଓ ବିଶୃଙ୍ଖଳା ମୁଣ୍ଡ ଟେକୁଛି ତାହାର ପ୍ରକୃତ କାରଣ ଓ ତାହାର ନିବାରଣର ଉପାୟ କଣ ? ହଜ୍‌ରତ୍ ଅଲୀ ର:ଅ ଅତ୍ୟନ୍ତ ନିଷ୍ଠା ଓ ସ୍ୱାଧିନ ଭାବରେ ମୁକ୍ତ କଣ୍ଠରେ ଏହି ମତବ୍ୟକ୍ତ କରିଥିଲେ ଯେ, ଏ ସବୁ ଆପଣଙ୍କ ଅମୀରମାନଙ୍କ ସୀମାଲଂଘନ କରିବାର ପରିଣାମ । ସେ ପୁନଶ୍ଚ କହିଲେ, ମୁଁ ତ ସେହିମାନଙ୍କୁ ଅମୀର ରଖିଛି ଯାହାଙ୍କୁ ହଜ୍‌ରତ୍ ଉମ୍ର ର:ଅ ମୁତୟନ କରିଥିଲେ । ହଜ୍‌ରତ୍ ଅଲୀ ର:ଅ କହିଲେ, ତାହା ତ ଠିକ୍ କିନ୍ତୁ ହଜ୍‌ରତ୍ ଉମର ର:ଅ ସେ ସବୁଙ୍କୁ ନିଜ ହାତମୁଠାରେ ରଖିଥିଲେ ଏବଂ ସେମାନଙ୍କ ଉପରେ ଏଭଳି ବଳିଷ୍ଠ କବ୍‌ଜା ରହିଥିଲା ଯେ ଆରବର ଉଦଣ୍ଡ ଓଟ ମଧ୍ୟ ବାଉଳି ଯାଉଥିଲା । ସେ ବେଶ୍ ମୁକ୍ତ ବେଶ୍ ସଶକ୍ତ ଶାସନ ବ୍ୟବସ୍ଥା ଓ ତତ୍ୱାବଧାନ କରୁଥିଲେ କିନ୍ତୁ ଆପଣ ତ ଆବଶ୍ୟକତାଠାରୁ ଅଧିକ ନମ୍ରତା ଅବଲମ୍ବନ କରୁଛନ୍ତି ଯାହାର ଅମୀର ମାନେ ଫାଇଦା ଉଠାଉଛନ୍ତି ଏବଂ ମନମୁଖୀ କାର୍ଯ୍ୟ କରୁଛନ୍ତି ଏବଂ ଆପଣ ସେଥିସମ୍ବନ୍ଧରେ ଅଜ୍ଞାତ ରହୁଛନ୍ତି ଏବଂ ପ୍ରଜାମାନେ ଏକତା ଭାବୁଛନ୍ତି ଯେ ଅମୀରମାନେ ଯାହା କରୁଛନ୍ତି ତାହା ଖଲିଫାଙ୍କ ଆଦେଶ କ୍ରମେ ହେଉଛି ।

ଯେତେବେଳେ ମିସ୍‌ରିମାନେ ଅର୍ଥାତ ମିସର ଦେଶର ଲୋକମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଘରର ଘେରାଉ କଲେ ଏବଂ ତାଙ୍କ ପ୍ରତି ଭୀଷଣ କଠୋରତା ଅବଲମ୍ବନ କଲେ ଯଦ୍ୱାରା ଉସ୍‌ମାନ ର:ଅ ଖାଦ୍ୟପେୟରୁ ମଧ୍ୟ ବଂଚିତ ହୋଇଯାଇଥିଲେ । ହଜ୍‌ରତ୍ ଅଲୀ ର:ଅ ଘେରାଉ କରିଥିବା ଲୋକମାନଙ୍କ ନିକଟକୁ ଯାଇ କହିଲେ ତୁମେମାନେ ଯେଉଁ ପ୍ରକାରର ଘେରାଉ କରିଛ ତାହା ନା କେବଳ ଇସ୍‌ଲାମ୍ ବରଂ ମାନବିକତାର ବିରୋଧ ଅଟେ । ଯେବେ କୁଫ୍‌ଫାର୍ ମଧ ମୁସଲମାନମାନଙ୍କୁ ଘେରାଉ କରୁଛନ୍ତି, ସେମାନେ ଖାଇବା ପିଇବାରୁ ବଂଚିତ କରୁନାହାନ୍ତି । ପୁରି କହିଲେ: ଏହି ଉସ୍‌ମାନ ତୁମର କଣ ଅପରାଧ କରିଛନ୍ତି ଯେ ତୁମେ ଏଭଳି ତାଙ୍କୁ ଅସୁବିଧାରେ ପକାଉଛ ? ସେମାନେ ହଜ୍‌ରତ୍ ଅଲୀଙ୍କର କଥାକୁ କାନପାତିଲେ ନାହିଁ । ତେଣୁ ହଜ୍‌ରତ୍ ଅଲୀ ର:ଅ ରାଗରେ ନିଜର ପଗଡ଼ିକୁ ଫିଙ୍ଗିଦେଇ ସେଠାରୁ ଚାଲି ଆସିଲେ ।

*(ସିରତ୍ ସାହାବା ଖଣ୍ଡ-୧, ପୃ-୨୦୭-୨୦୮.... ଲାହୋର)*

ପୁଣି ସେମାନେ ଉସ୍‌ମାନ ର:ଅଙ୍କ ପାଣି ବନ୍ଦ କରିଦେଲେ । ଏହିଭଳି ପରିସ୍ଥିତିରେ ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ କିଏ ଜଣେ ଯାଇ ହଜ୍‌ରତ୍ ଅଲୀ ର:ଅଙ୍କୁ ଏତେଲା ଦିଅନ୍ତୁ ଯେ ସେ ଆମକୁ ପାଣି ପିଇବାର ବ୍ୟବସ୍ଥା କରିଦେବେ । ଯେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କୁ ଏହି ସୁଚନା ମିଳିଲା ସେତେବେଳେ ସେ ତିନୋଟି ଜଳପୂର୍ଣ୍ଣ ବଡ଼ ବଡ଼ ପାତ୍ର ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ପ୍ରେରଣ କରିଥିଲେ କିନ୍ତୁ ବିଦ୍ରୋହୀମାନେ ସେଥିରେ ବାଧା ଦେଇ ତାହାକୁ ରୋକି ନେଇଥିଲେ ଏବଂ ତାହା ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଘରେ ପହଂଚିପାରିନଥିଲା । ସେହି ପାନୀୟକୁ ପହଂଚାଇବା ପାଇଁ ବନୁ ହାସିମ୍ ଓ ବନୁ ଉମୈର୍‌ର ଅନେକ ଦାସ ଆହତ ହୋଇଥିଲେ ଏପରି ବିଦ୍ରୋହୀମାନଙ୍କ ସତଚେଷ୍ଟା ସତ୍ୱେ ପରିଶେଷରେ ଜଳ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଘରେ ପହଂଚିଗଲା ।

ଯେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କୁ ଏହା ଜ୍ଞାତ ହେଲା କି ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ହତ୍ୟା ଷଡ଼ଯନ୍ତ୍ରର ଯୋଜନା  ଚାଲିଛି । ସେତେବେଳେ ସେ ନିଜର ସୁପୁତ୍ର ହଜ୍‌ରତ୍ ଇମାମ୍ ହସନ୍ ଓ ଇମାମ୍ ହୁସୈନ୍‌ଙ୍କୁ କହିଲେ ନିଜର ତରବାରୀ ନେଇଯାଅ ଏବଂ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଘରର ଦ୍ୱାର ସମ୍ମୁଖରେ ଛିଡ଼ା ହୋଇଯାଅ । ସାବଧାନ ଯେପରି କୌଣସି ଆକ୍ରମଣକାରୀ ଶତୃ ତାଙ୍କ ପର୍ଯ୍ୟନ୍ତ ପହଂଚିନପାରିବ । ଏହା ଦେଖି ବିଦ୍ରୋହୀମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଘର ଉପରେ ତୀବ୍ର ତୀର ବର୍ଷଣ କଲେ ଯଦ୍ୱାରା ହଜ୍‌ରତ୍ ହସନ୍ ଓ ମୁହମ୍ମଦ ବିନ୍ ତଲ୍‌ହା ରକ୍ତାକ୍ତ ହୋଇଗଲେ । ଏତିକିବେଳେ ମୋହମ୍ମଦ ବିନ୍ ଅବୁ ବକ୍କର ନିଜର ଦୁଇ ସାଥି ସମେତ ଏକ ଅନ୍‌ସାର ଘର ମଧ୍ୟ ଦେଇ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଘରେ ପ୍ରବେଶ କରିଥିଲା ଏବଂ ତାଙ୍କୁ ଶହୀଦ କରିଦେଇଥିଲା । ଯେତେବେଳେ ଏହାର ସୁଚନା ହଜ୍‌ରତ୍ ଅଲୀ ର:ଅଙ୍କୁ ମିଳିଲା ସେ ଆସି ଦେଖିଲେ ଯେ, ବାସ୍ତବରେ ସେହିପରି ହିଁ ଘଟିଛି ଏଥିରେ ସେ ନିଜ ପୁତ୍ର ମାନଙ୍କୁ ପଚାରିଲେ ତୁମେ ଘରଦ୍ୱାରରେ ପ୍ରହରା ଦେଉଥିବା ସ୍ଥଳେ ଏଭଳି ଅନର୍ଥ କିଭଳି ଘଟିଗଲା ? ଏହା କହି ଆପଣ ହଜ୍‌ରତ୍ ହସନ୍‌କୁ ଚାପୁଡ଼ାଏ ମାରିଲେ ଏବଂ ହୁସୈନଙ୍କ ଛାତି ଉପରେ ହାତ ମାରିଲେ ଏବଂ ମୋହମ୍ମଦ ବିନ୍ ତଲ୍‌ହା ଓ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କୁ ଧିକ୍କାର କଲେ ଏବଂ କ୍ରୋଧାଶକ୍ତ ଅବସ୍ଥାରେ ନିଜ ଘରକୁ ଫେରିଆସିଲେ ।

*(ତାରିଖୁଲ୍ ଖୋଲଫା..... ପୃ-୧୨୩-୧୨୪.... ଲେବ୍‌ନାନ୍ ୧୯୯୯)*

ଶହାଦ୍ ବିନ୍ ଅଓସ୍ ବର୍ଣ୍ଣନା କରନ୍ତି: ୟୋମୁନ୍ ଦାର୍‌କୁ ଯେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଘେରାଉ କରାଯାଇଥିଲା । (ୟୋମୁନ୍ ଦାର୍ ସେହି ଦିନକୁ କୁହାଯାଏ ଯେଉଁ ଦିନ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ବିଦ୍ରୋହୀମାନେ ତାଙ୍କ ଘର ଘେରାଉ କରି ତାଙ୍କୁ ଅବରୁଦ୍ଧ ବା ବନ୍ଦି କରିଦେଇଥିଲେ ଏବଂ ଅତ୍ୟନ୍ତ ମର୍ମନ୍ତୁଦ ଭାବରେ ତାଙ୍କୁ ଶହୀଦ କରିଥିଲେ) । ସେତେବେଳେ ଉସ୍‌ମାନ ର:ଅ ଲୋକମାନଙ୍କୁ ଉଣ୍ଡି ଚାହିଁଲେ ଏବଂ କହିଲେ ହେ ଅଲ୍ଲାଙ୍କ ଭକ୍ତଗଣ ! ପ୍ରତିଉତରରେ ବର୍ଣ୍ଣନାକାରୀ କୁହନ୍ତି ମୁଁ ଦେଖିଲେ ଯେ ହଜ୍‌ରତ୍ ଅଲୀ ର:ଅ ନିଜ ଘରୁ ବାହାରକୁ ବାହାରୁଛନ୍ତି ଏବଂ ସେ ହଜୁର ସ:ଆ:ସଙ୍କର ପଗଡ଼ି ବାନ୍ଧିଛନ୍ତି ଏବଂ ନିଜର ତରବାରୀକୁ ଉତଳନ କରିଛନ୍ତି । ତାଙ୍କ ଆଗରେ ହିଜ୍‌ରତ୍‌କାରୀ ଏବଂ ଅନ୍‌ସାରମାନଙ୍କର ଦଳ ଥିଲା ସେହି ଦଳରେ ହଜ୍‌ରତ୍ ହସନ୍ ଓ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର ର:ଅ ମଧ୍ୟ ରହିଥିଲେ, ଏପରି କି ସେମାନେ ବିଦ୍ରୋହୀମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ ସେଠାରୁ ହଟାଇ ଦେଲେ ଏହାପରେ ଏମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଘରେ ପ୍ରବେଶ କଲେ ଏବଂ ହଜ୍‌ରତ୍ ଅଲୀ ର:ଅ କହିଲେ ହେ  ଅମୀରୁଲ୍ ମୁମିନିନ୍ ଆପଣଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ ହେଉ । ହଜୁର ସ:ଆ:ସଙ୍କର ଧର୍ମ ଶିର୍ଷତା ଏବଂ ଦୃଢ଼ତା ସେତେବେଳେ ପ୍ରାପ୍ତ ହୋଇଥିଲା ଯେତେବେଳେ ଆପଣଙ୍କୁ ଗ୍ରହଣ କରୁଥିବା ଲୋକମାନଙ୍କୁ ଆପଣ ସାଙ୍ଗରେ ଧରି ଅବିଶ୍ୱାସକାରୀଙ୍କ ସହିତ ଯୁଦ୍ଧ ଲଢ଼ିଥିଲେ । ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଛି ଏହି ଲୋକମାନେ ଆପଣଙ୍କୁ ନିଶ୍ଚିତ ରୂପେ ହତ୍ୟା କରିଦେବେ । ଅତଃ ଆପଣ ଆମମାନଙ୍କୁ ଏମାନଙ୍କ ସହିତ ଯୁଦ୍ଧ କରିବାକୁ ଅନୁମତି ପ୍ରଦାନ କରନ୍ତୁ । ପ୍ରତିଉତରରେ ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ, ପ୍ରତ୍ୟେକ ସେହି ବ୍ୟକ୍ତି ଯିଏ ଅଲ୍ଲାଃ ତାଲାଙ୍କୁ ଶାସ୍ୱତ ବୋଲି ମନେ କରେ ଏବଂ ଏହି ସ୍ୱୀକାର କରେ କି ମୋର ତାହାଙ୍କ ପ୍ରତି କର୍ତବ୍ୟ ରହିଛି, ମୁଁ ତୁମମାନଙ୍କୁ ତାହାରି ଦ୍ୱାହି ଦେଇ କହୁଛି କି ସେମାନେ ମୋ ପାଇଁ କାହା ସହିତ ଯୁଦ୍ଧ କରି ତିଳେମାତ୍ର ରକ୍ତକ୍ଷରିତ ନ କରନ୍ତୁ ଏବଂ ନାଁ ହିଁ ମୋ ପାଇଁ ନିଜର ରକ୍ତ ବୁହାନ୍ତୁ । ହଜ୍‌ରତ୍ ଅଲୀ ର:ଅ ପୂନରାୟ ଏହି ନିବେଦନ କଲେ ପ୍ରତିଉତରରେ ହଜ୍‌ରତ୍ ଉସ୍‌ମାନ ର:ଅ ସେହି କଥା ହିଁ କହିଲେ । ବର୍ଣ୍ଣନାକାରୀ କୁହନ୍ତି, ହଜ୍‌ରତ୍ ଅଲୀ ର:ଅ ଏହା ଶୁଣି ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଘରୁ ବାହାରକୁ ବାହାରୁଥିବାର ମୁଁ ଦେଖିଲି ଏବଂ ସେତେବେଳେ ସେ କହିଲେ, ହେ ଅଲ୍ଲାଃ ! ତୁମ୍ଭେ ଜାଣ ଯେ ଆମେମାନେ ନିଜର ସକଳ ଉଦ୍ୟମକୁ ଉପଯୋଗ କରିଦେଇଛୁ । ଏହାପରେ ସେ ମସ୍‌ଜିଦ୍ ନବଓ୍ୱି ଆଡ଼କୁ ବାହାରିପଡ଼ିଲେ । ନମାଜର ସମୟ ହୋଇଯାଇଥିଲା ଲୋକମାନେ ତାଙ୍କୁ କହିଲେ, ହେ ଅବୁଲ୍ ହସନ୍ ଆଗକୁ ବଢ଼ ଏବଂ ଲୋକମାନଙ୍କୁ ନମାଜ ପଢ଼ାଅ । ହଜ୍‌ରତ୍ ଅଲୀ ର:ଅ କହିଲେ ମୁଁ ତୁମମାନଙ୍କୁ ନମାଜ ପଢ଼ାଇ ପାରିବିନାହିଁ କାରଣ ଇମାମ୍ ବନ୍ଦି ଅଛନ୍ତି । ମୁଁ ଏକୁଟିଆ ନମାଜ ପଢ଼ିନେବି । ଏହାପରେ ସେ ଏକୁଟିଆ ନମାଜ ପଢ଼ି ଚାଲିଗଲେ । ହଜ୍‌ରତ୍ ଅଲୀ ର:ଅଙ୍କ ପୁତ୍ର ଆସିଲେ ଏବଂ ସେ ହଜ୍‌ରତ୍ ଅଲୀ ର:ଅଙ୍କୁ କହିଲେ, ହେ ପିତା ! ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଛି, ବିଦ୍ରୋହୀମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଘର ଉପରେ ଆକ୍ରମଣ କରିଦେଇଛନ୍ତି । ହଜ୍‌ରତ୍ ଅଲୀ ର:ଅ କହିଲେ, ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଛି ସେମାନେ ତାଙ୍କୁ ଅବଶ୍ୟ ହତ୍ୟା କରିଦେବେ ।  ***ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜଉନ୍ ।*** ଲୋକମାନେ ହଜ୍‌ରତ୍ ଅଲୀ ର:ଅଙ୍କୁ ପଚାରିଲେ, ହଜ୍‌ରତ୍ ଉସ୍‌ମାନ ର:ଅ ସେତେବେଳେ କେଉଁଠି ଥିବେ ଅର୍ଥାତ ସାହଦତ୍ ପରେ । ହଜ୍‌ରତ୍ ଅଲୀ ର:ଅ ଉତର ଦେଲେ ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଛି, ସେ ବୈକୁଣ୍ଠରେ ଥିବେ । ଲୋକମାନେ ହଜ୍‌ରତ୍ ଅଲୀ ର:ଅଙ୍କୁ ପଚାରିଲେ ତେବେ ସେ ବିଦ୍ରୋହୀମାନେ କେଉଁଠି ଥିବେ ଯେଉଁମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ନିର୍ମମ ଭାବେ ହତ୍ୟା କରି ଶହୀଦ କରିଦେଇଛନ୍ତି ? ହଜ୍‌ରତ୍ ଅଲୀ ର:ଅ ଉତର ଦେଲେ ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଛି ସେମାନେ ସମସ୍ତେ ନର୍କାଗ୍ନୀରେ ନିକ୍ଷେପ ହେବେ । ହଜ୍‌ରତ୍ ଅଲୀ ର:ଅ ଉକ୍ତ କଥାକୁ ତିନିଥର ପୁନରାବୃତି କରିଥିଲେ ।

*(ରିୟାଜୁନ୍ ନଜ୍‌ରାଃ..... ଖଣ୍ଡ-୩, ପୃ-୬୮-୬୯.....୧୯୮୪)*

ବିଦ୍ରୋହୀମାନେ ଯେତେବେଳେ ମଦିନାର ଘେରାଉ କଲେ ସେତେବେଳେ ସେହି ପରିସ୍ଥିତିର ଚର୍ଚ୍ଚା କରି ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ବର୍ଣ୍ଣନା କରନ୍ତି କି ମିଶରବାସୀ ହଜ୍‌ରତ୍ ଅଲୀ ର:ଅଙ୍କ ପାଖକୁ ଗଲେ ସେ ସେତେବେଳେ ମଦିନାରୁ ବାହାରେ ଏକ ସୈନ୍ୟଦଳର ନେତୃତ୍ୱ ନେଉଥିଲେ ଏବଂ ତାହାକୁ ମୂଳପ୍ତାଟନ କରିବାଲାଗି ଅଟଳ ରହିଥିଲେ । ସେହି ଲୋକମାନେ ହଜ୍‌ରତ୍ ଅଲୀ ର:ଅଙ୍କ ନିକଟରେ ପହଂଚି କହିଲେ, ହଜ୍‌ରତ୍ ଉସ୍‌ମାନ ର:ଅଙ୍କର କୁବ୍ୟବସ୍ଥା ଯୋଗୁଁ ବର୍ତମାନ ଆଉ ଖିଲାଫତ ପାଇଁ ସେ ଯୋଗ୍ୟ ନୁହନ୍ତି, ବର୍ତମାନ ତାଙ୍କୁ ପୃଥକ କରି ଅର୍ଥାତ ସେହି ଆସନରୁ ତାଙ୍କୁ ପୃଥକ କରିଦିଆଯାଉ ଏବଂ ଆମେ ଏହା ଆଶା କରୁ କି ଆପଣ ତାଙ୍କ ପରେ ଉକ୍ତ ପଦକୁ ଗ୍ରହଣ କରିନେବେ । ହଜ୍‌ରତ୍ ଅଲୀ ର:ଅ ସେମାନଙ୍କର କଥା ଶୁଣି ଧାର୍ମିକ ବିବେକତା ଯୋଗୁଁ ସେମାନଙ୍କ କଥାକୁ ସମ୍ପୁର୍ଣ୍ଣରୂପେ ପ୍ରତ୍ୟାଖାନ କଲେ ଏବଂ ସେମାନଙ୍କ ପ୍ରତି ଅତ୍ୟନ୍ତ କ୍ରୁର ଆଚରଣ ପ୍ରଦର୍ଶନ କଲେ ଏବଂ କହିଲେ, ସମସ୍ତ ପୂଣ୍ୟବାନ ବ୍ୟକ୍ତିମାନେ ଜାଣନ୍ତି ଯେ କୃପାଳୁ ରସୁଲୁଲ୍ଲାଃ ସ:ଆ:ସ ଭବିଷ୍ୟବାଣୀ ସ୍ୱରୁପ ଜୁଲ୍ ମରୁଓ୍ୱା ଓ ଜୁଲ୍ ଖୁଶୁବ୍ ଯେଉଁଠି ଏହି ଲୋକମାନଙ୍କର ଶିବିରମାନ ରହିଥିଲା କିମ୍ୱା ଏହି କପଟବିଶ୍ୱାସୀ ବିଦ୍ରୋହୀମାନଙ୍କର ସୈନ୍ୟଦଳର ଶିବିରର ଚର୍ଚ୍ଚା କରି ସେମାନଙ୍କୁ ଅଭିଷାପ ଦେଇଥିଲେ ।

*(ଅଲ୍‌ବିଦାୟତୁନ୍ ନହାୟା, ଖଣ୍ଡ-୭, ପୃ-୧୭୪..... ବେରୁତ ୧୯୬୬)*

ଅତଏବ ଅଲ୍ଲାଃ ତାଲା ତୁମର ଅମଙ୍ଗଳ କରନ୍ତୁ ତୁମେ ଏଠାରୁ ଚାଲିଯାଅ । ପ୍ରତିଉତରରେ ସେହି ବିଦ୍ରୋହୀମାନେ କହିଲେ ଠିକ୍ ଆମେମାନେ ଚାଲିଯିବୁ ଏବଂ ଏହା କହି ସେମାନେ ଫେରିଗଲେ ।

*(ଇସ୍‌ଲାମ୍ ମେଁ ଏଖ୍‌ତିଲାଫାତ୍........ ଅନୱାରୁଲ୍ ଉଲୁମ୍, ଖଣ୍ଡ-୪, ପୃ-୨୯୯)*

ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଶାହାଦତ୍ ଏବଂ ହଜ୍‌ରତ୍ ଅଲୀ ର:ଅଙ୍କ ଖିଲାଫତ୍‌ର ବୟତ ସମ୍ୱନ୍ଧରେ ଯେଉଁ ଘଟଣା ରହିଛି ସେ ସମ୍ପର୍କରେ ଯେଉଁ ବର୍ଣ୍ଣନା ରହିଛି ତାହାର ଚର୍ଚ୍ଚା ମୁଁ ପୂର୍ବେ କୌଣସି ଏକ ଖୁତ୍‌ବାରେ ମଧ ସଂକ୍ଷିପ୍ତରେ ଆଲୋଚନା କରିଥିଲି ବର୍ତମାନ ଏଠାରେ କିଛିଟା ବର୍ଣ୍ଣନା କରିଦେଉଛି । ଯେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଶାହଦତ୍ ହେଲା ସେତେବେଳେ ସମସ୍ତ ଲୋକମାନେ ହଜ୍‌ରତ୍ ଅଲୀ ର:ଅଙ୍କ ନିକଟକୁ ଧାଇଁ ଆସିଲେ ସେହି ଲୋକମାନଙ୍କ ମଧ୍ୟରେ କେତେକ ସାହାବାମାନେ ଓ ଅନ୍ୟ କେତେକ ଲୋକ ମଧ୍ୟ ସାମିଲ ଥିଲେ । ସେମାନେ ସମସ୍ତେ ଏହା କହୁଥିଲେ କି ହଜ୍‌ରତ୍ ଅଲୀ ର:ଅ ଅମୀରୁଲ୍ ମୁମିନିନ୍ ଅଟନ୍ତି । ଅତଏବ ସେମାନେ ସମସ୍ତେ ହଜ୍‌ରତ୍ ଅଲୀ ର:ଅଙ୍କ ନିକଟରେ ତାଙ୍କ ଘରେ ଉପସ୍ଥିତ ହେଲେ ଏବଂ କହିଲେ ଆପଣ ନିଜର ହାତ ଆଗକୁ ବଢ଼ାନ୍ତୁ ଆମେ ଆପଣଙ୍କ ବୟତ କରିବୁ । ପ୍ରତିଉତରରେ ହଜ୍‌ରତ୍ ଅଲୀ ର:ଅ କହିଲେ, ତାହା ତୁମର କାର୍ଯ୍ୟ ନୁହେଁ ତାହା ଅସହାବେ ବଦର୍‌ଙ୍କ କାର୍ଯ୍ୟ । ତେଣୁ ଅସହାବେ ବଦର୍ ଯାହା ସପକ୍ଷରେ ଏକମତ ହେବେ ସେ ହିଁ ପରବର୍ତୀ ଖଲିଫା ହେବେ । ପ୍ରତିଉତରରେ ସମସ୍ତ ଲୋକେ ହଜ୍‌ରତ୍ ଅଲୀ ର:ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ, ଆମେମାନେ ଆପଣଙ୍କଠାରୁ ଅଧିକ ଯୋଗ୍ୟ ବ୍ୟକ୍ତି ଏହି ଆସନ ନିମନ୍ତେ ଆଉ କାହାକୁ ମଣୁନାହୁଁ ତେଣୁ ଆପଣ ନିଜର ହସ୍ତ ଆଗକୁ କରନ୍ତୁ ଏବଂ ଆମର ବୟତ ନିଅନ୍ତୁ । ହଜ୍‌ରତ୍ ଅଲୀ ର:ଅ କହିଲେ, ତଲ୍‌ହା ଏବଂ ଜୁବୈର୍ କେଉଁଠି ଅଛନ୍ତି ? ଏହାପରେ ହଜ୍‌ରତ୍ ତଲ୍‌ହା ର:ଅ ସର୍ବପ୍ରଥମେ ମୌଖିକ ରୂପେ ଆପଣଙ୍କ ବୟତ କରିଥିଲେ ଏବଂ ହଜ୍‌ରତ୍ ସାଆଦ୍ ର:ଅ ସର୍ବ ପ୍ରଥମେ ଆପଣଙ୍କ ହସ୍ତରେ ବୟତ କରିଥିଲେ । ହଜ୍‌ରତ୍ ଅଲୀ ର:ଅ ଯେତେବେଳେ ଏହା ଦେଖିଲେ ସେତେବେଳେ ସେ ମସ୍‌ଜିଦ୍ ଆଡ଼କୁ ବାହାରିଲେ ଏବଂ ମଂଚ ଉପରେ ବିରାଜମାନେ ହେଲେ । ହଜ୍‌ରତ୍ ତଲ୍‌ହା ହିଁ ସର୍ବପ୍ରଥମ ବ୍ୟକ୍ତି ଥିଲେ, ଯିଏ ହଜ୍‌ରତ୍ ଅଲୀ ର:ଅଙ୍କ ଆଡ଼କୁ ମଂଚ ଉପରେ ଚଢ଼ିଲେ ଏବଂ ଆପଣଙ୍କ ହସ୍ତରେ ବୟତ କରିଥିଲେ । ତାଙ୍କ ପରେ ହଜ୍‌ରତ୍ ଜୁବୈର୍ ର:ଅ ଓ ଅନ୍ୟ ସାହାବାମାନେ ବୟତ କରିଥିଲେ ।

*(ଉସଦୁଲ୍ ଗାବାଃ..... ଖଣ୍ଡ-୪, ପୃ-୧୦୭...... ଲେବ୍‌ନାନ୍ ୨୦୧୬)*

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଶହୀଦ ହେବା ଘଟଣା ପରବର୍ତୀ ସମ୍ପର୍କରେ ଉଲ୍ଲେଖ କରନ୍ତି ଯେ, ଯେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଶହୀଦ କରିଦିଆଗଲା ସେତେବେଳେ ଉପଦ୍ରବିମାନେ ବଇତୁଲ୍ ମାଲ୍‌କୁ ଲୁଣ୍ଠନ କଲେ ଏବଂ ଘୋଷଣା କରିଦେଲେ ଯେ ଯେଉଁ ବ୍ୟକ୍ତି ଆମ ସହିତ ମୁକାବିଲା କରିବ ଆମେ ତାହାକୁ ହତ୍ୟା କରିଦେବୁ ଅତଏବ ଲୋକମାନଙ୍କୁ ଏକାଠି ହେବାକୁ ଦିଆଯାଉନଥିଲା । ଯେଉଁଭଳି ଆଜିକାଲି ୧୪୪ ଧାରା ଲଗାଇ ଦିଆଯାଇଥାଏ ସେହିପରି ସେ ସମୟରେ ମଧ୍ୟ ପରିସ୍ଥିତି ଉପୁଜିଥିଲା । ଯଦ୍ୱାରା କେହିବି ଏକାଠି ହୋଇପାରୁନଥିଲେ ବିଦ୍ରୋହୀମାନେ ମଦିନାକୁ ଚତୁଃପାର୍ଶ୍ୱରୁ ଘେରି ରଖିଥିଲେ ଏବଂ କୌଣସି ବ୍ୟକ୍ତିକୁ ପଦାକୁ ବାହାରିବାକୁ ଅନୁମତି ନଥିଲା । ଯେଉଁଭଳି ପରିସ୍ଥିତି କର୍ଫ୍ୟୁରେ ଦେଖାଯାଏ ସେହିଭଳି ପରିସ୍ଥିତି ଉପୁଜିଥିଲା । ଏପରି କି ଯେଉଁମାନେ ହଜ୍‌ରତ୍ ଅଲୀ ର:ଅଙ୍କୁ ଭଲ ପାଉଥିଲେ ସେମାନଙ୍କୁ ମଧ୍ୟ ରୋକି ଦିଆଯାଇଥିଲା ଏବଂ ବିଦ୍ରୋହୀମାନେ ମଦିନାକୁ ଖୁବ୍ ନିର୍ମମଭାବେ ଲୁଣ୍ଠନ କରିଥିଲେ । ଗୋଟିଏ ପଟେ ଏଭଳି ପରିସ୍ଥିତି ଉପୁଜିଥିଲା ତ

ଅପରପକ୍ଷରେ ସେହି ବିଦ୍ରୋହୀମାନେ ନିଜ ହୃଦୟର ନିର୍ଦ୍ଦୟତାର ମଧ୍ୟ ପ୍ରମାଣ ଦେଇଥିଲେ କି ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଭଳି ଜଣେ ପବିତ୍ର ବ୍ୟକ୍ତିଙ୍କୁ ଯାହାଙ୍କର ରସୁଲୁଲ୍ଲାଃ ସ:ଆ:ସ ପ୍ରଶଂସା କରିଥିଲେ ତାହାଙ୍କୁ ହତ୍ୟା କରିବା ପରେ ମଧ୍ୟ ଛାଡ଼ିଲେ ନାହିଁ । ସେମାନେ ତାଙ୍କର ଶବକୁ ତିନିଦିନ ଧରି କରି ନିଜ ଅଧିନରେ ରଖିଥିଲେ ଏବଂ ତିନିଦିନ ପରେ ତାଙ୍କୁ କବର ଦିଆଯାଇଥିଲା । ପରିଶେଷରେ କେତେଜଣ ସାହାବା ମିଶି ରାତ୍ର ସମୟରେ ଗୁପ୍ତରୂପେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଶବକୁ ନେଇ କବର ଦେଇଥିଲେ । ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସହିତ ତାଙ୍କର କେତେକ ଦାସଙ୍କୁ ମଧ୍ୟ ଶହୀଦ କରିଦିଆଯାଇଥିଲା । ବିଦ୍ରୋହୀମାନେ ସେମାନଙ୍କର ଶବକୁ ମଧ୍ୟ ଅନ୍ତିମ ସଂସ୍କାର କରିବାକୁ ଦେଇନଥିଲେ ବରଂ ଶବକୁ କୁକର ସମ୍ମୁଖରେୁ ଫିଙ୍ଗି ଦେଇଥିଲେ । ହଜ୍‌ରତ୍ ଉସ୍‌ମାନ ର:ଅ ଏବଂ ତାଙ୍କ ଦାସମାନଙ୍କ ସହିତ ଏଭଳି ବର୍ବରତା ଓ କ୍ରୁରତା ବିଦ୍ରୋହୀମାନେ ଅବଲମ୍ବନ କରିଥିଲେ ଯେଉଁମାନଙ୍କ ସହିତ ତାଙ୍କର କୌଣସି ମତ ପ୍ରାର୍ଥକ୍ୟ ନଥିଲା ସେମାନଙ୍କୁ ଛୁଟି ଦେଇଦେଲେ ତେଣୁ ସାହାବାମାନେ ସେଠାରୁ ପଳାୟନ କରିବାକୁ ଆରମ୍ଭ କରିଦେଲେ । ଏହିପରି ଭାବରେ ପାଂଚ ଦିନ ବିତିଯାଇଥିଲା ମଦିନାର କୌଣସି ଶାସକ ନଥିଲା । ଉପଦ୍ରବିମାନେ ଏହି ଉଦ୍ୟମରେ ଲାଗି ରହିଥିଲେ ଯେ ସେମାନେ କୌଣସି ବ୍ୟକ୍ତିକୁ ନିଜେ ଖଲିଫା ରୂପେ ନିର୍ବାଚିତ କରିବେ ଏବଂ ଯେଉଁଭଳି ଚାହିଁବୁ ସେହିଭଳି ନିର୍ଦ୍ଦେଶ ନେବେ । ସେମାନେ ଶାସନ କ୍ଷମତାକୁ ନିଜ ହାତକୁ ନେବାକୁ ପ୍ରୟାସ ରତ ଥିଲେ କିନ୍ତୁ ସାହାବାମାନଙ୍କ ମଧ୍ୟରୁ କେହି ଉକ୍ତ କଥାକୁ ସହ୍ୟ କରିପାରିଲେନାହିଁ । ଯେ ଯେଉଁମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ହତ୍ୟା କରିଛନ୍ତି ସେମାନଙ୍କ ମଧରୁ କିଏ ଖଲିଫା ହେଉ । ଉପଦ୍ରବିମାନେ ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର ର:ଅଙ୍କ ପାଖକୁ ଭିନ୍ନ ଭିନ୍ନ ସମୟରେ ଯାଇଥିଲେ ଏବଂ ତାଙ୍କୁ ଖଲିଫା ହେବାପାଇଁ ପ୍ରସ୍ତାବ ଦେଇଥିଲେ କିନ୍ତୁ ସେମାନେ ତାହାକୁ ପ୍ରତ୍ୟାଖାନ କରିଥିଲେ । ଯେତେବେଳେ ଏହି ସାହାବା ଦ୍ୱୟ ଖଲିଫା ହେବାପାଇଁ ଅସ୍ୱୀକାର କଲେ ଏବଂ ମୁସଲମାନମାନେ ସେମାନଙ୍କ ଉପସ୍ଥିତିରେ ଅନ୍ୟ କୌଣସି ବ୍ୟକ୍ତିକୁ ଖଲିଫା ରୂପେ ସ୍ୱୀକାର କରିପାରିବେ ନାହିଁ ବୋଲି, ସେତେବେଳେ ଉପଦ୍ରବୀମାନେ ତାଙ୍କ ସପକ୍ଷରେ ମଧ୍ୟ କଠୋରତା ଅବଲମ୍ବନ କରିଥିଲେ । କାରଣ ସେମାନେ ଏହା ଭାବିଲେ ଯେ ଯଦି କୌଣସି ବ୍ୟକ୍ତି ଖଲିଫା ନ ହୁଅନ୍ତି ତା ହେଲେ ସମଗ୍ର ଇସ୍‌ଲାମ୍ ଧର୍ମରେ ଆମ ବିରୁଦ୍ଧରେ ଏକ ଝଡ଼ ସୃଷ୍ଟି ହୋଇଯିବ । ସେମାନେ ଏହା ଘୋଷଣା କଲେ କି ଯଦି ଦୁଇ ଦିନ ଭିତରେ କୌଣସି ବ୍ୟକ୍ତି ଖଲିଫା ନ ହୁଅନ୍ତି ତାହେଲେ ଭଲ କଥା ଅନ୍ୟଥା ଆମେମାନେ ହଜ୍‌ରତ୍ ଅଲୀ, ହଜ୍‌ରତ ତଲ୍‌ହା ଓ ହଜ୍‌ରତ୍ ଜୁବୈର୍ ଆଦି ସମସ୍ତ ବଡ଼ ବଡ଼ ସାହାବାମାନଙ୍କୁ ହତ୍ୟା କରିଦେବୁ । ଉକ୍ତ ଘୋଷଣାକୁ ଶୁଣି ସମଗ୍ର ମଦିନାବାସୀ ଭୟଭୀତ ହୋଇଯାଇଥିଲେ କି ସେହି ଲୋକମାନେ ଯେଉଁମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ହତ୍ୟା କରିଛନ୍ତି ସେମାନେ ଏମାନଙ୍କୁ ମଧ୍ୟ ଏବଂ ଏମାନଙ୍କ ସନ୍ତାନସନ୍ତତିଙ୍କୁ ମଧ୍ୟ ହତ୍ୟା କରିଦେବେ ଓ ତାଙ୍କ ସହ ଅସଦ ଆଚରଣ ପ୍ରଦର୍ଶନ କରିବେ । ସୁତରାଂ ସାହାବାମାନେ ହଜ୍‌ରତ୍ ଅଲୀ ର:ଅଙ୍କ ନିକଟକୁ ଗଲେ ଏବଂ ତାଙ୍କୁ ଖଲିଫା ହେବାପାଇଁ ନିବେଦନ କଲେ କିନ୍ତୁ ହଜ୍‌ରତ୍ ଅଲୀ ର:ଅ ଏହାକୁ ଅସ୍ୱୀକାର କଲେ ଏବଂ କହିଲେ, ଯଦି ମୁଁ ଖଲିଫା ହୁଏ ତେବେ ସମସ୍ତ ଲୋକେ ଏହା ମଣିବେ ଯେ ମୁଁ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରିଦେଇଛି ତେଣୁ ମୁଁ ଏହି ବୋଝକୁ ବହନ କରିବାପାଇଁ ପ୍ରସ୍ତୁତ ନାହିଁ । ଏହିପରି ସମାନ୍ କଥା ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର୍ ମଧ୍ୟ କହିଥିଲେ ଏବଂ ଯେଉଁ ସାହାବାମାନଙ୍କୁ ମଧ୍ୟ ଯେତେବେଳେ ଉକ୍ତ କଥା କୁହାଗଲା ଅର୍ଥାତ ଖଲିଫା ହେବାପାଇଁ ନିବେଦନ କରାଗଲା ସେତେବେଳେ ସେମାନେ ମଧ୍ୟ ସେହି ସମାନ୍ କଥା କହିଥିଲେ ଓ ଖଲିଫା ହେବାକୁ ଅସ୍ୱୀକାର କରିଥିଲେ । ପରିଶେଷରେ ସମସ୍ତେ ହଜ୍‌ରତ୍ ଅଲୀ ର:ଅଙ୍କ ସେବାରେ ପୁନଶ୍ଚ ଉପସ୍ଥିତ ହୋଇଥିଲେ ଏବଂ କହିଲେ, ଯେମିତି ହେଉ ନା କାହିଁ ଆପଣ ଏହି ଗୁରୁଦାୟିତ୍ୱକୁ ବହନ କରନ୍ତୁ ଏବଂ ପରିଶେଷରେ ହଜ୍‌ରତ୍ ଅଲୀ ର:ଅ କହିଲେ, ମୁଁ ଏହି ସର୍ତରେ ଉକ୍ତ ବୋଝକୁ ବହନ କରିବାପାଇଁ ପ୍ରସ୍ତୁତ ଯେ ସମସ୍ତ ଲୋକମାନେ ମସ୍‌ଜିଦ୍‌ରେ ଏକତ୍ରିତ ହୁଅନ୍ତୁ ଏବଂ ମତେ ଗ୍ରହଣ କରିବାପାଇଁ ସହମତି ପ୍ରକାଶ କରନ୍ତୁ । ସୁତରାଂ ଲୋକମାନେ ଏକତ୍ରିତ ହେଲେ ଏବଂ ସେମାନେ ହଜ୍‌ରତ୍ ଅଲୀ ର:ଅଙ୍କୁ ଖଲିଫା ରୂପେ ସ୍ୱୀକାର କଲେ କିନ୍ତୁ କେତେକ ବ୍ୟକ୍ତିମାନେ ଅସ୍ୱୀକାର କରିଥିଲେ ଏବଂ କହିଲେ ଯେପର୍ଯ୍ୟନ୍ତ ହଜ୍‌ରତ୍ ଉସ୍‌ମାନଙ୍କ ହତ୍ୟାକାରୀଙ୍କୁ ଶାସ୍ତି ମିଳିନାହିଁ ସେ ପର୍ଯ୍ୟନ୍ତ ଆମେମାନେ କାହାରିକୁ ଖଲିଫା ରୂପେ ସ୍ୱୀକାର କରିବୁ ନାହିଁ । କେତେକ ବ୍ୟକ୍ତି କହିଲେ ଯେପର୍ଯ୍ୟନ୍ତ ମଦିନାର ବାହାର ଲୋକମାନଙ୍କର ମତାମତ ନ ନିଆଯାଇଛି ସେ ପର୍ଯ୍ୟନ୍ତ କେହି ବି ଖଲିଫା ହେବା ଅନୁଚିତ କିନ୍ତୁ ଏପରି ଲୋକମାନଙ୍କ ସଂଖ୍ୟା ଖୁବ୍ କମ୍ ଥିଲା । ଏହିପରି ଭାବରେ ହଜ୍‌ରତ୍ ଅଲୀ ର:ଅ ଖଲିଫା ହେବାକୁ ତ ସ୍ୱୀକାରୋକ୍ତି ପ୍ରକାଶ କଲେ କିନ୍ତୁ ସେ ଯେଉଁ ପରିଣାମକୁ ଭୟ କରୁଥିଲେ ତାହାହିଁ ଘଟିଥିଲା । ଇସ୍‌ଲାମ୍‌ର ସମସ୍ତ ଓ୍ୱଲେମାମାନେ ଏହା କହିବାକୁ ଲାଗିଲେ ଯେ, ହଜ୍‌ରତ୍ ଅଲୀ ର:ଅ ହିଁ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ହତ୍ୟା କରିଛନ୍ତି । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ହଜ୍‌ରତ୍ ଅଲୀ ର:ଅଙ୍କର ଅନ୍ୟ ଗୁଣାବଳୀର ସମ୍ପର୍କରେ ଉଲ୍ଲେଖ କରି କୁହନ୍ତି ଯଦି ହଜ୍‌ରତ୍ ଅଲୀ ର:ଅ ଅନ୍ୟ ସୁଗୁଣାବଳୀଗୁଡ଼ିକୁ ଅଣଦେଖା ମଧ କରାଯାଏ ତେବେ ମୋ ନିକଟରେ ଏଭଳି ବିଷମ ତଥା ଭୟଙ୍କର ପରିସ୍ଥିତିରେ ତାଙ୍କର ଖିଲାଫତ୍‌କୁ ସ୍ୱୀକାର କରିନେବା ଏଭଳି ସାହସ, ଦୃଢ଼ତା ଏବଂ ବିଶ୍ୱସନୀୟ କଥା ଥିଲା ଯାହା ଅତ୍ୟନ୍ତ ପ୍ରଶଂସନୀୟ ଥିଲା କାରଣ ସେ ନିଜ ଆତ୍ମ ସମ୍ମାନ ଓ ଆତ୍ମ ଗୌରବର ଜଳାଞ୍ଜଳି ଦେଇ ଇସ୍‌ଲାମ୍‌ର ଗୁରୁଦାୟିତ୍ୱକୁ ବହନ କରିଥିଲେ ଏବଂ ଏତେବଡ଼ ଗୁରୁଦାୟିତ୍ୱ ବହନ କରିଥିଲେ ଯାହା ଅନ୍ୟ କେହି ଗ୍ରହଣ କରିବାପାଇଁ ପ୍ରସ୍ତୁତ ନଥିଲେ ।

*(ଓ୍ୱାକିଆତେ ଖ୍ୱିଲାଫତ୍ ଅଲଓ୍ୱି, ଅନଓ୍ୱାରୁଲ୍ ଉଲୁମ୍ ଖଣ୍ଡ-୪, ପୃ-୬୩୫-୬୩୭)*

ପୁନଶ୍ଚ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସାହଦତ୍‌ର ପରବର୍ତୀ ଘଟଣାବଳୀ ସମ୍ପର୍କରେ ଅନ୍ୟତ୍ର ଚର୍ଚ୍ଚା କରି ଏହିପରି ବର୍ଣ୍ଣନା କରନ୍ତି, ଦିନେ ଦୁଇଦିନ ଖୁବ୍ ଉପଦ୍ରବିମାନେ ମଦିନାକୁ ଲୁଣ୍ଠନ କରିବାର ବଜାର ଗରମ ରଖିବା ପରେ ଯେତେବେଳେ ସେମାନଙ୍କର ଜୋଶ୍ ଶିଥିଳ ହେଲା ସେତେବେଳେ ସେହି ଉପଦ୍ରବିମାନେ ସେମାନଙ୍କର ପରିଣାମ କଥା ମନେପକାଇଲେ ଏବଂ ସେମାନେ ଭୟ କଲେ କି ବର୍ତମାନ ସେମାନଙ୍କର ଅବସ୍ଥା କଣ ହେବ ? ସୁତରାଂ କେତେକ ଉପଦ୍ରବି ଏହା ଭାବି ଯେ ହଜ୍‌ରତ୍ ମୁଆଓ୍ୱିୟା ଜଣେ ବୀର ପୁରୁଷ ଏବଂ ସେ ନିଶ୍ଚିତ ଏହି ହତ୍ୟାର ପ୍ରତିଶୋଧ ନେବେ ତେଣୁ ସେମାନେ ସିରିୟା ଅଭିମୁଖେ ଚାଲିଗଲେ ଏବଂ ସେଠାକୁ ଯାଇ ସେମାନେ ସ୍ୱୟମ କୁମ୍ଭୀର କାନ୍ଦଣା କାନ୍ଦିବାକୁ ଆରମ୍ଭ କରିଦେଲେ । ହଜ୍‌ରତ୍ ଉସ୍‌ମାନ ର:ଅ ଶହୀଦ ହୋଇଯାଇଛନ୍ତି ଏବଂ କେହି ତାଙ୍କର ପ୍ରତିଶୋଧ ନେଉନାହାନ୍ତି । କେତେକ ବିଦ୍ରୋହୀମାନେ ପଳାୟନ କରି ମକ୍କା ବାଟରେ ହଜ୍‌ରତ୍ ଜୁବୈର୍ ହଜ୍‌ରତ୍ ଆଇଶା ର:ଅଙ୍କୁ ସାକ୍ଷାତ କଲେ ଏବଂ କହିଲେ, କି କିଭଳି ଅନ୍ୟାୟ, ଅତ୍ୟାଚାର ଓ ବର୍ବରତା ଇସ୍‌ଲାମ୍‌ର ଖଲିଫାଙ୍କ ପ୍ରତି ପ୍ରଦର୍ଶନ କରାଯାଇଛି ତଥାପି ମୁସଲମାନମାନେ ନୀରବ ରହିଛନ୍ତି । କିଛି ବିଦ୍ରୋହୀମାନେ ହଜ୍‌ରତ୍ ଅଲୀ ର:ଅଙ୍କ ପାଖକୁ ଗଲେ ଏବଂ କହିଲେ, ବର୍ତମାନ ସମୟଟି ବିପତିର ସମୟ ବୋଧହୁଏ ଇସ୍‌ଲାମୀୟ ଶାସନ ଭାଙ୍ଗିଯିବାର ଆଶଙ୍କା ରହିଛି ତେଣୁ ଆପଣ ବୟତ ନିଅନ୍ତୁ । ଲୋକମାନଙ୍କର ଭୟଟି ଯେପରି ଦୁରିଭୁତ ହେଉ ଏବଂ ସେମାନଙ୍କ ଶାନ୍ତି ଫେରିଆସୁ ଯେଉଁ ସାହାବାମାନେ ମଦିନାରେ ଉପସ୍ଥିତ ଥିଲେ ସେମାନେ ମଧ୍ୟ ସହମତି ପୂର୍ବକ ଏହି ପରାମର୍ଶ ଦେଲେ କି ବର୍ତମାନ ଏହା ହେବା ଉଚିତ କି ଆପଣ ଏହି ଗୁରୁଦାୟିତ୍ୱକୁ ବହନ କରନ୍ତୁ । କାରଣ ଆପଣଙ୍କର ଏହି ଦାୟିତ୍ୱ ପୂଣ୍ୟ ଓ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତାର କାରଣ ସାବ୍ୟସ୍ତ ହେବ । ଯେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କୁ ଚତୁପାର୍ଶ୍ୱରୁ ଚାପ ପଡ଼ିଲା ସେତେବେଳେ ହଜ୍‌ରତ୍ ଅଲୀ ର:ଅ ବହୁବାର ଅସ୍ୱୀକାର କରିବା ସତ୍ୱେ ପରିଶେଷରେ ଏହି ଦାୟିତ୍ୱ ବହନ କରିବାପାଇଁ ରାଜି ହୋଇଥିଲେ । ଅର୍ଥାତ ସହମତି ପ୍ରକାଶ କରିଥିଲେ ଏବଂ ବୟତ ନେଇଥିଲେ । ନିଃସନ୍ଦେହ ରୂପେ ହଜ୍‌ରତ୍ ଅଲୀ ର:ଅଙ୍କର ଏଭଳି କାର୍ଯ୍ୟ ଅତ୍ୟନ୍ତ ବୁଦ୍ଧିମତା ପୂର୍ଣ୍ଣ ଥିଲା । ଯଦି ହଜ୍‌ରତ୍ ଅଲୀ ର:ଅ ସେତେବେଳେ ବୟତ ନ ନେଇଥାନ୍ତେ ତାହେଲେ ଏହାଠୁ ବି ଅଧିକ ଇସ୍‌ଲାମ୍‌କୁ କ୍ଷତି ସହ୍ୟ କରିବାକୁ ପଡ଼ିଥାନ୍ତା । ଯାହା ହଜ୍‌ରତ୍ ଅଲୀ ର:ଅ ଓ ମୁଆଓ୍ୱିୟା ମଧ୍ୟରେ ହୋଇଥିବା ଯୁଦ୍ଧ ଦ୍ୱାରା ଇସ୍‌ଲାମ୍‌କୁ କ୍ଷତି ସହ୍ୟ କରିବାକୁ ପଡ଼ିଥିଲା ।

*(ଅନଓ୍ୱାରୁଲ୍ ଖ୍ୱିଲାଫତ୍, ଅନ୍‌ଓ୍ୱାରୁଲ୍ ଉଲୁମ୍ ଖଣ୍ଡ-୩, ପୃ-୧୯୭-୧୯୮)*

ଉକ୍ତ ପରିଣାମର ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରି ଆହୁରି କୁହନ୍ତି, ମନେ ରଖିବା ଉଚିତ ଯେ ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର୍ ର:ଅଙ୍କ ସମ୍ପର୍କରେ ଯାହା କୁହାଯାଏ କି ସେମାନେ ହଜ୍‌ରତ୍ ଅଲୀ ର:ଅଙ୍କ ବୟତ କରିବା ପରେ ଏହାକୁ ଭଙ୍ଗ କରିଥିଲେ ତାହା ସମ୍ପୂର୍ଣ୍ଣରୂପେ ମିଥ୍ୟା ଏ ଯେଉଁ ବୟତ ଥିଲା ତାହା ଏତେ ସରଳ ନଥିଲା ଯେ ସହଜରେ ଏମାନେ ବୟତ କରିନେଇଥାନ୍ତେ । ଉକ୍ତ ଘଟଣାର ବିସ୍ତୃତ ବିବରଣୀ ସମ୍ପର୍କରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏହି ଘଟଣା ସମ୍ବନ୍ଧରେ କହୁଛନ୍ତି ଯେ ଲୋକମାନେ ଯେଉଁ କଥା କହୁଛନ୍ତି କି, ଉପରୋକ୍ତ ସାହାବା ଦ୍ୱୟ ହଜ୍‌ରତ୍ ଅଲୀ ର:ଅଙ୍କ ବୟତ ଭଙ୍ଗ କରି ହଜ୍‌ରତ୍ ଆଇଶା ର:ଅଙ୍କ ସହିତ ଚାଲିଗଲେ ବୋଲି ଏବଂ ତାଙ୍କ ବିରୁଦ୍ଧରେ ଯୁଦ୍ଧ ଲଢ଼ିଥିଲେ ବୋଲି ତାହା ଭୁଲ୍ ଅଟେ ଏବଂ ଇତିହାସରୁ ଅପରିଚିତ ଥିବା ବ୍ୟକ୍ତିର ଏହା ହେଉଛି ପ୍ରମାଣ । ଉକ୍ତ ଘଟଣାଟି ଏହିପରି ଘଟିନଥିଲା ବରଂ ସର୍ବସମ୍ମତି କ୍ରମେ ଇତିହାସ ଉକ୍ତ ଘଟଣାକୁ ଉଲ୍ଲେଖ କରେ ଯେ, ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର୍ ର:ଅ ହଜ୍‌ରତ୍ ଅଲୀ ର:ଅଙ୍କ ହସ୍ତରେ ଯେଉଁ ବୟତ କରିଥିଲେ ତାହା ପୂର୍ଣ୍ଣ ହୃଦୟରେ କରିନଥିଲେ ବରଂ ଅନିଚ୍ଛା ଓ ବାଧ୍ୟତାମୁଳକ ବୟତ କରିଥିଲେ । ସୁତରାଂ ମହମ୍ମଦ୍ ଓ ତଲ୍‌ହା ଦୁଇଜଣ ବର୍ଣ୍ଣନାକାରୀଠାରୁ ତିବ୍‌ରିର ପୁସ୍ତକରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଶହୀଦ କରିଦିଆଗଲା ସେତେବେଳେ ଲୋକମାନେ ପରସ୍ପର ମଧରେ ପରାମର୍ଶ କରି ଏହି ନିଷ୍ପତି ନେଲେ ଯେ ଯଥାଶିଘ୍ର ଜଣେ ବ୍ୟକ୍ତିକୁ ଖଲିଫା ରୂପେ ନିଯୁକ୍ତି କରାଯିବା ଉଚିତ । କାରଣ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଏବଂ ଏହି ଉପଦ୍ରବର ଦୁରିଭୁତ ନିମନ୍ତେ ଏହା ଅତ୍ୟନ୍ତ ଜରୁରୀ । ପରିଶେଷରେ ଲୋକମାନେ ହଜ୍‌ରତ୍ ଅଲୀ ର:ଅଙ୍କ ନିକଟକୁ ଗଲେ ଏବଂ କହିଲେ, ଆପଣ ଆମର ବୟତ ନିଅନ୍ତୁ ହଜ୍‌ରତ୍ ଅଲୀ ର:ଅ କହିଲେ ଯଦି ତୁମେ ମୋର ବୟତ କରିବ ତେବେ ତୁମେ ସର୍ବଦା ମୋର ଆଜ୍ଞାପାଳନ କରିବାକୁ ବାଧ ହେବ ତେଣୁ ଯଦି ତୁମେ ମୋର ଏହି କଥାରେ ରାଜି ତାହେଲେ ମୁଁ ତୁମର ବୟତ ନେବାପାଇଁ ପ୍ରସ୍ତୁତ ଅଛି ନଚେତ ଅନ୍ୟ କୌଣସି ବ୍ୟକ୍ତିକୁ ଖଲିଫା ନିଯୁକ୍ତ କରିନିଅ । ଯିଏ ବି ଖଲିଫା ହେବ ମୁଁ ଉକ୍ତ ବ୍ୟକ୍ତିର ସମ୍ପୁର୍ଣ୍ଣରୂପେ ଆଜ୍ଞାବହ ହେବି ଏବଂ ତୁମଠୁ ବି ଅଧିକ ଉକ୍ତ ବ୍ୟକ୍ତିର ଆଜ୍ଞାପାଳନ କରିବି । ଅତଏବ ସେମାନେ କହିଲେ, ଆମେ ଆପଣଙ୍କର ଆଜ୍ଞା ପାଳନ କରିବୁ ହଜ୍‌ରତ୍ ଅଲୀ ର:ଅ କହିଲେ ତାହେଲେ ଖୁବ୍ ଚିନ୍ତାକର ଓ ପରସ୍ପର ମଧରେ ପରାମର୍ଶ କରିନିଅ । ସୁତରାଂ ସେମାନେ ପରାମର୍ଶରୁ ଏହି ନିଷ୍ପତିରେ ଉପନୀତ ହେଲେ ଯଦି ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର୍ ର:ଅ ହଜ୍‌ରତ୍ ଅଲୀ ର:ଅଙ୍କର ବୟତ କରିନିଅନ୍ତି ତାହେଲେ ସମସ୍ତେ ହଜ୍‌ରତ୍ ଅଲୀ ର:ଅଙ୍କ ବୟତ କରିନେବେ । ଅନ୍ୟଥା ଯେପର୍ଯ୍ୟନ୍ତ ଏମାନେ

ହଜ୍‌ରତ୍ ଅଲୀ ର:ଅଙ୍କ ବୟତ କରିନାହାନ୍ତି ସେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣରୂପେ ଶାନ୍ତି ପ୍ରତିଷ୍ଠା ହୋଇପାରିବନାହିଁ । ଅତଏବ ହକିମ୍ ବିନ୍ ଜବ୍‌ଲାଙ୍କୁ କିଛି ଲୋକଙ୍କ ସହିତ ହଜ୍‌ରତ୍ ଜୁବୈର୍ ର:ଅଙ୍କ ଆଡ଼କୁ ଏବଂ ମାଲିକ୍ ବିନ୍ ଅସ୍‌ତର୍‌ଙ୍କୁ କେତେକ ଲୋକଙ୍କ ସହିତ ହଜ୍‌ରତ୍ ତଲ୍‌ହା ର:ଅଙ୍କ ଆଡ଼କୁ ପ୍ରେରଣ କରାଯାଇଥିଲା । ଉକ୍ତ ବ୍ୟକ୍ତି ଦ୍ୱୟ ଖଡ୍ଗ ମୁନ ଦ୍ୱାରା ଉପରୋକ୍ତ ସାହାବା ଦ୍ୱୟଙ୍କୁ ବୟତ କରିବାପାଇଁ ରାଜି କରାଇଥିଲେ ଅର୍ଥାତ ଜୋର୍ ଜବରଦସ୍ତି ତାଙ୍କୁ ରାଜି କରାଇଥିଲେ । ଏମାନଙ୍କୁ କହିଲେ କି ହଜ୍‌ରତ୍ ଅଲୀ ର:ଅଙ୍କ ବୟତ କରିବାର ଅଛି ତ କର ଅନ୍ୟଥା ଏହି ମୁହୂର୍ତ୍ତରେ ତୁମର ଶୀର ଛେଦ କରିଦେବୁ । ସୁତରାଂ ଉକ୍ତ ସାହାବା ଦ୍ୱୟ ବାଧ୍ୟ ହୋଇ ହଜ୍‌ରତ୍ ଅଲୀ ର:ଅଙ୍କ ବୟତ କରିଥିଲେ । ପରବର୍ତୀ ଦିନ ହଜ୍‌ରତ୍ ଅଲୀ ର:ଅ ମଂଚ ଉପରେ ବିରାଜମାନ ହେଲେ ଏବଂ କହିଲେ, ହେ ଲୋକମାନେ ତୁମେମାନେ ମତେ ଗତକାଲି ଏକ ସନ୍ଦେଶ ଦେଇଥିଲ କି ମୁଁ ତୁମମାନଙ୍କର ଖଲିଫା ହେବି କିନ୍ତୁ ମୁଁ ତୁମମାନଙ୍କୁ ଏ ସମ୍ବନ୍ଧରେ ଚିନ୍ତନ କରିବାପାଇଁ କହିଥିଲି କଣ ତୁମେମାନେ ଏ ସମ୍ବନ୍ଧରେ ଚିନ୍ତା କରିସାରିଛ ଓ କଣ ତୁମେ ନିଜର ଗତକାଲିର କଥାରେ କାଏମ୍ ଅଛ ? ଯଦି ତୁମେମାନେ ସେଥିରେ କାଏମ୍ ଅଛ ତାହେଲେ ମନେରଖ ଯେ ତୁମମାନଙ୍କୁ ସମ୍ପୂର୍ଣ୍ଣରୂପେ ମୋର ଆଜ୍ଞାପାଳନ କରିବାକୁ ହେବ । ଏକଥା ଶୁଣି ସେହି ଲୋକମାନେ ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର୍ ର:ଅଙ୍କ ପାଖକୁ ଗଲେ ଏବଂ ତାଙ୍କୁ ବଳପୂର୍ବକ ଘୋଷାରି ଆଣିଲେ ଏବଂ ବର୍ଣ୍ଣନାରେ ସ୍ପଷ୍ଟରୂପେ ଉଲ୍ଲେଖ ରହିଛି ଯେ, ସେମାନେ ଯେତେବେଳେ ହଜ୍‌ରତ୍ ତଲ୍‌ହା ର:ଅଙ୍କ ନିକଟରେ ପହଂଚିଲେ ଏବଂ ତାଙ୍କୁ ବୟତ କରିବାପାଇଁ ବାଧ କଲେ ସେତେବେଳେ ସେ ଉତର ଦେଲେ ଯେ ଦେଖ ମୁଁ ଅନିଚ୍ଛା ସତ୍ୱେ ବୟତ କରୁଛି ନା କି ସ୍ୱଇଚ୍ଛାରେ ବୟତ କରୁଛି । ଏହିପରି ସେହି ଲୋକମାନେ ଯେତେବେଳେ ହଜ୍‌ରତ୍ ଜୁବୈର୍ ର:ଅଙ୍କ ନିକଟକୁ ଗଲେ ଏବଂ ବୟତ କରିବାପାଇଁ ବାଧ କଲେ ସେତେବେଳେ ସେ ମଧ୍ୟ ସେହିପରି ସମାନ ଉତର ଦେଇଥିଲେ । ଅର୍ଥାତ ତୁମେମାନେ ମତେ ବଳପୂର୍ବକ ବୟତ କରିବାପାଇଁ କହୁଛ ମୁଁ ନିଜ ଇଚ୍ଛାରେ ଖୁସି ଖୁସି ବୟତ କରୁନାହିଁ ।

ଏହିପରି ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ ବିନ୍ ଜୁଲୁବ୍ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସାହାଦତ୍ ପରେ ଅଶ୍‌ତର୍ ତଲ୍‌ହା ର:ଅଙ୍କ ନିକଟକୁ ଗଲେ ଏବଂ ବୟତ କରିବାକୁ କହିଲେ ସେ କହିଲେ, ମତେ କିଛି ସମୟ ଦିଅନ୍ତୁ ମୁଁ ଦେଖିବାକୁ ଚାହୁଁଛି ଯେ ଲୋକମାନେ କଣ ନିଷ୍ପତି ନେଇଛନ୍ତି କିନ୍ତୁ ସେମାନେ ତାଙ୍କୁ କୌଣସି ସମୟ ଦେଲେ ନାହିଁ ଅର୍ଥାତ ତାଙ୍କୁ ବଳପୂର୍ବକ ଭୂମି ଉପରେ ଅତ୍ୟନ୍ତ କ୍ରୁରତା ଭାବରେ ଘୋଷାଡ଼ି ଆଣିଲେ ଯେପରି ଛେଳି ମେଣ୍ଢାଙ୍କୁ ଘୋଷାରି ଅଣାଯାଏ । ***(ଖୁତ୍‌ବାତେ ମେହ୍‌ମୁଦ୍ ଖଣ୍ଡ-୧୮, ପୃ-୩୦୦-୩୦୨)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି: ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କର ଜଣେ ସାହାବି ହଜ୍‌ରତ୍ ତଲ୍‌ହା ଅଶ୍‌ତର୍ ହଜ୍‌ରତ୍ ଅଲୀ ର:ଅଙ୍କ ସହିତ ମତପାର୍ଥକ୍ୟ ଯୋଗୁଁ ଯେତେବେଳେ ସେ ହଜ୍‌ରତ୍ ଅଲୀ ର:ଅଙ୍କ ବିପକ୍ଷରେ ଛିଡ଼ା ହେଲେ ଏବଂ ଯେତେବେଳେ ସେ ଏହା ବୁଝିପାରିଲେ ଯେ ତାଙ୍କୁ ଭ୍ରମ ଲାଗିଛି ସେ ସେତେବେଳେ ଯୁଦ୍ଧ ଭୂମିରୁ ଚାଲିଗଲେ ଏବଂ ହଜ୍‌ରତ୍ ତଲ୍‌ହା ମୁକାବିଲା କଲେନାହିଁ । ଏହାର ବିସ୍ତୃତ ବିବରଣୀ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏପରି ବର୍ଣ୍ଣନା କରିଛନ୍ତି: ନିଃସନ୍ଦେହ ହଜ୍‌ରତ୍ ତଲ୍‌ହା ର:ଅ ହଜ୍‌ରତ୍ ଅଲୀ ର:ଅଙ୍କ ବିପକ୍ଷରେ ଯୁଦ୍ଧ ଭୂମିକୁ ଓହ୍ଲାଇଥିଲେ କିନ୍ତୁ ପ୍ରଥମେ ବଳପୂର୍ବକ ଅନିଚ୍ଛାକୃତ ବୟତ କଲେ ଏବଂ ଏହାପରେ ବୟତ ବିରୁଦ୍ଧାଚରଣ ମଧ୍ୟ କଲେ ଅର୍ଥାତ ତାଙ୍କ ବଳପୂର୍ବକ ଅନିଚ୍ଛା କୃତ ବୟତ କରାଯାଇଥିଲା । ଏହାପରେ ଯେତେବେଳେ ତାଙ୍କୁ ଅବସର ମିଳିଲା ସେତେବେଳେ ମତପାର୍ଥକ୍ୟ ମଧ୍ୟ ଘଟିଥିଲା ଏବଂ ଯୁଦ୍ଧ ମଧ୍ୟ ହୋଇଥିଲା କିନ୍ତୁ ଯେତେବେଳେ ସେ କଥାଟି ବୁଝି ନେଲେ ସେତେବେଳେ ସେ ଯୁଦ୍ଧ ଭୂମିରୁ ଛାଡ଼ି ଅର୍ଥାତ ଯୁଦ୍ଧ ଭୁମିରୁ ଓହରି ଯାଇଥିଲେ କାରଣ ହଜ୍‌ରତ୍ ଅଲୀ ର:ଅ ସଠିକ୍ ମାର୍ଗରେ ଥିଲେ । ଏ ସଂକ୍ରାନ୍ତରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି: ତଲ୍‌ହା ର:ଅ ଘରକୁ ଫେରି ଯାଉଥିଲେ କି ଏକ ନୃସଂଶ ବ୍ୟକ୍ତି ଯିଏ ହଜ୍‌ରତ୍ ଅଲୀ ର:ଅଙ୍କ ସୈନ୍ୟଦଳରେ ଥିଲା ସେ ତଲ୍‌ହା ର:ଅଙ୍କୁ ବାଟରେ ଯାଉଥିବାର ଦେଖି ତାଙ୍କୁ ହତ୍ୟା କରିଦେଲା ଏବଂ ହଜ୍‌ରତ୍ ଅଲୀ ର:ଅଙ୍କ ପାଖକୁ ପୁରସ୍କାର ଅଭିଳାଷ ରଖି ଆସିଲା ଏବଂ କହିଲା କି ମୁଁ ହଜ୍‌ରତ୍ ତଲ୍‌ହା ର:ଅଙ୍କୁ ହତ୍ୟା କରିଛି ଯେ କି ଆପଣଙ୍କ ଶତ୍ରୁ ଥିଲା । ହଜ୍‌ରତ୍ ଅଲୀ ର:ଅ ମଧ୍ୟ ତାକୁ ଉତର ଦେଲେ କି ମୁଁ ମଧ୍ୟ ତତେ ରସୁଲୁଲ୍ଲାଃ ସ:ଆ:ସଙ୍କ ତରଫରୁ ନର୍କର ଶୁଭସମାଚାର ଦେଉଛି । ଯେପରି ତୁ ମତେ ଏହି ଅଶୁଭ ସମାଚାର ଦେଇଛୁ ମୁଁ ରସୁଲେ୍ କରିମ୍ ସ:ଆ:ସଙ୍କଠାରୁ ଶୁଣିଛି ଯେ ହଜ୍‌ରତ୍ ତଲ୍‌ହା ର:ଅଙ୍କୁ ଜଣେ ନର୍କବାସୀ ବ୍ୟକ୍ତି ହତ୍ୟା କରିବ । ***(ଖୁତ୍‌ବାତେ ମେହ୍‌ମୁଦ୍ ଖଣ୍ଡ-୨୬, ପୃ-୩୮୫)***

ପୁନଶ୍ଚ ଉକ୍ତ ଘଟଣାକୁ ବର୍ଣ୍ଣନା କରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଆହୁରି କୁହନ୍ତି: ହାକିମ୍ ବର୍ଣ୍ଣନା କରନ୍ତି ସୌର୍ ବିନ୍ ମଜ୍‌ଯାଃ ମତେ ଉକ୍ତ ଘଟଣାର ଚର୍ଚ୍ଚା କଲେ ଏବଂ କହିଲେ, ଯମଲ୍ ଯୁଦ୍ଧ ଦିନ ହଜ୍‌ରତ୍ ତଲ୍‌ହା ର:ଅଙ୍କ ନିକଟ ଦେଇ ମୁଁ ଅତିକ୍ରମ କଲି ସେତେବେଳେ ସେ ଶେଷ ନିଶ୍ୱାସ ତ୍ୟାଗ କରୁଥିଲେ । ଯେତେବେଳେ ତଲ୍‌ହାଙ୍କୁ ଉକ୍ତ ବ୍ୟକ୍ତିଜଣକ ଆକ୍ରମଣ କଲା ସେତେବେଳେ ତାଙ୍କର ଶେଷ ନିଶ୍ୱାସ ଚାଲୁଥିଲା । ତଲ୍‌ହା ର:ଅ ମତେ ପଚାରିଲେ କି ତୁମେ କେଉଁ ପକ୍ଷର ବ୍ୟକ୍ତି ? ମୁଁ କହିଲି ଅମିରୁଲ୍ ମୁମିନିନ୍ ହଜ୍‌ରତ୍ ଅଲୀ ର:ଅଙ୍କ ଗୋଷ୍ଠିର ସେତେବେଳେ ସେ କହିବାକୁ ଲାଗିଲେ ଆଚ୍ଛା ତାହେଲେ ତୁମେ ନିଜର ହସ୍ତ ଆଗକୁ ପ୍ରସାରିତ କର ମୁଁ ତୁମ ହସ୍ତରେ ବୟତ କରିନେବି । ଅତଏବ ସେ ମୋ ହସ୍ତରେ ବୟତ କଲେ ଏବଂ ମୃତ୍ୟୁକୁ ଆଲିଙ୍ଗନ କଲେ । ମୁଁ ଆସି ସମସ୍ତ ବୃତାନ୍ତ ହଜ୍‌ରତ୍ ଅଲୀ ର:ଅଙ୍କୁ ଜଣାଇଲି ହଜ୍‌ରତ୍ ଅଲୀ ର:ଅ ସମସ୍ତ ବୃତାନ୍ତ ଶୁଣି କହିଲେ, ଅଲ୍ଲାଃହୁ ଅକ୍‌ବର୍ ଅଲ୍ଲାଃ ତାଲାଙ୍କର ରସୁଲ୍‌ଙ୍କର କଥନ ସତ୍ୟ ପ୍ରମାଣିତ ହେଲା । ଅଲ୍ଲାଃ ତାଲା ଏହା ହିଁ ଚାହୁଁଥିଲେ ଯେ ତଲ୍‌ହା ମୋର ବୟତ କରିବା ବ୍ୟତିରକେ ବୈକୁଣ୍ଠରେ ପ୍ରବେଶ କରିବେ ନାହିଁ । ତଲ୍‌ହା ର:ଅ ଅସ୍‌ରା ମୁବଶିରା ମଧ୍ୟରୁ ଜଣେ ଥିଲେ ।

ସେ ଯଦିଚ ପୂର୍ବେ ବାଧ୍ୟବଶତଃ ବୟତ କରିଥିଲେ କିନ୍ତୁ ମୁଁ ଯେପରି ପୂର୍ବେ କହିଲି କି ମୃତ୍ୟୁ ପୂର୍ବରୁ ସେ ପୂନଃ ପ୍ରଶସ୍ତ ହୃଦୟର ସହିତ, ସ୍ୱଚ୍ଛ ହୃଦୟର ସହିତ ପବିତ୍ର ହୃଦୟ ସହିତ ମୋର ବୟତ କରିଥିବେ ତଲ୍‌ହା ର:ଅଙ୍କଠାରେ ପୂଣ୍ୟ ଅନ୍ତର୍ନିହିତ ରହିଥିଲା ବୈକୁଣ୍ଠରେ ଯିବା ଅଲ୍ଲାଃଙ୍କର ତାଙ୍କ ସପକ୍ଷରେ ପ୍ରତିଶୃତି ଥିଲା ଏଣୁ ଅଲ୍ଲାଃ ତାଲା ଚାହିଁଲେ କି ତାଙ୍କର ଏଭଳି ପରିଣତି ହେଉ କି ଯେତେବେଳେ ସେ ଖିଲାଫତ୍‌ରୁ ବର୍ହିଭୂତ ରହିବେ ଏବଂ ଯେତେବେଳେ ତାଙ୍କୁ ଅବସର ମିଳିବ ସେତେବେଳେ ସେ ଖିଲାଫତ୍‌ର ବୟତ କରିଥିଲେ । ଉକ୍ତ ଘଟଣାଗୁଡ଼ିକ ବର୍ତମାନ ଅଭ୍ୟାହତ ରହିଛି ଇନ୍‌ଶାଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ ମୁଁ ବର୍ଣ୍ଣନା କରିବି ।

ଆଜି ପୁନର୍ବାର ଅଲ୍‌ଜଜାଏର୍‌ର ଅର୍ଥାତ ଉପଦ୍ୱୀପବାସୀର ଅହେମଦୀଙ୍କ ପାଇଁ ଓ ପାକିସ୍ତାନରେ ବସବାସ କରୁଥିବା ଅହେମଦୀମାନଙ୍କ ପାଇଁ ଦୁଆ କରିବାକୁ ଜଣାଉଛି । ଅଲ୍ଲାଃ ତାଲା ସେମାନଙ୍କୁ ସୁରକ୍ଷିତ ରଖନ୍ତୁ । ଉପଦ୍ୱୀପରେ ମଧ୍ୟ ପରିସ୍ଥିତି ଅତି ଜଟିଳ ହେଇ ଚାଲିଛି । ସେଠାକାର ଜଣେ ସରକାରି ଓକିଲୋ ମଧ ଆମ ଅହେମଦୀମାନଙ୍କ ବିରୁଦ୍ଧରେ ବାରମ୍ବାର ମିଛ ମୋକଦ୍ଦମା ଦାଏର୍ କରୁଛନ୍ତି । ସେହିପରି ପାକିସ୍ତାନର ଅହେମଦୀମାନଙ୍କ ପାଇଁ ମଧ୍ୟ ଜଟିଳତା ଉପୃନ୍ନ ହୋଇଚାଲିଛି ଅଲ୍ଲାଃ ତାଲା ସେହି ସମସ୍ତ ଜଟିଳତା ସୃଷ୍ଟି କରୁଥିବା ବ୍ୟକ୍ତିମାନଙ୍କୁ କିମ୍ବା କୌଣସି ପ୍ରକାରର ବିରୋଧ କରୁଥିବା ଲୋକମାନଙ୍କୁ ଉଚିତ ଦଣ୍ଡ ଦିଅନ୍ତୁ ଓ ଅନ୍ୟ ଲୋକମାନଙ୍କ ପାଇଁ ସେଥିରୁ ଶିକ୍ଷା ନେବାର ମାର୍ଗ ସୃଷ୍ଟି କରନ୍ତୁ ଏବଂ ଯଥା ଶିଘ୍ର ଯେଉଁଠି ବିଷମ ପରିସ୍ଥିତି ସୃଷ୍ଟି ହେଉଛି ଯେଉଁ ଅହେମଦୀମାନେ ଜଟିଳତା ପରିସ୍ଥିତି ମଧ ଦେଇ ଗତି କରୁଛନ୍ତି ସେଠାରେ ପରିସ୍ଥିତି ସୁଧୁରି ଯାଉ ଏବଂ ସେମାନଙ୍କ ଲାଗି ସହଜତା ଓ ସରଳତା ଅଲ୍ଲାଃ ତାଲା ସୃଷ୍ଟି କରନ୍ତୁ । ଏଥି ସହ ମୁଁ ଏହା ମଧ କହିବାକୁ ଚାହୁଁଛି ଯେ ପାକିସ୍ତାନର ଅହେମଦୀମାନଙ୍କୁ ବିଶେଷ ରୂପେ ଦୂଆ କରିବାକୁ ଆବଶ୍ୟକତା ରହିଛି ସେହିପରି ସେମାନେ ଧ୍ୟାନ ଦେଉନାହାନ୍ତି ଅତଏବ ପୂର୍ବାପେକ୍ଷା ଅଧିକ ଦୁଆ ଆଡ଼କୁ ଧ୍ୟାନ ଓ ମନଯୋଗ କରିବା ଆବଶ୍ୟକ ଅଲ୍ଲାଃ ତାଲା ଆମମାନଙ୍କୁ ଯଥାଶିଘ୍ର ଏହି ସମସ୍ୟାରୁ ଉଦ୍ଧାର କରନ୍ତୁ ଏବଂ ଆମମାନଙ୍କ ପାଇଁ ସରଳତା ଉପୃନ୍ନ କରନ୍ତୁ ଏବଂ ଇସ୍‌ଲାମ୍‌ର ପ୍ରକୃତ ସନ୍ଦେଶକୁ ଆମେମାନେ ସ୍ୱାଧିନତାର ସହ ପାକିସ୍ତାନର ଓ ପୃଥିବୀର କୋଣ ଅନୁକୋଣରେ ପହଂଚାଇବା ପାଇଁ ଅଲ୍ଲାଃ ତାଲା ଆମକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍..

ନମାଜ ପରେ ମୁଁ କେତେକ ମୃତକଙ୍କ ନମାଜ ଯନାଜାଃ ମଧ ପଢ଼ାଇବି । ପ୍ରଥମେ ହେଲେ ସମ୍ମାନନୀୟ ଡ଼ାକ୍ତର ତାହିର୍ ଅହେମଦ୍ ସାହେବ ରବୁଓ୍ୱାନିବାସୀଙ୍କର । ସେ ଚୌଧୁରୀ ଅବ୍‌ଦୁର୍ ରଜାକ୍ ସାହେବ ଶହୀଦଙ୍କର ସୁପୁତ୍ର ଥିଲେ । ଯିଏ ନବାବ୍ ଶାହ୍ ଜିଲ୍ଲାର ପୂର୍ବତନ ଅମୀର ଥିଲେ, ଡ଼ିସେମ୍ବର ମାସ ୪ ତାରିଖ ଦିନ ୬୦ ବର୍ଷ ବୟସରେ ହୃଦଘାତ ଯୋଗୁଁ ତାଙ୍କର ନିଧନ ଘଟିଥିଲା, *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।*

ସ୍ୱର୍ଗତ ତାହିର୍ ସାହେବ୍ ଜଣେ ସରକାରୀ ଡ଼ାକ୍ତର ଥିଲେ ୧୯୯୫ ମସିହାରେ ତାଙ୍କୁ ପ୍ରଥମ ହୃଦଘାତ ହୋଇଥିଲା ସ୍ୱାସ୍ଥ୍ୟବସ୍ଥା ଠିକ୍ ନଥିବା ସତ୍ୱେ ସେ ମଠିକୁ ନିଜର ବଦଳି କରେଇ ନେଇଥିଲେ କାରଣ ଓ୍ୱକ୍‌ଫେ ଯଦିଦ୍ ବ୍ୟବସ୍ଥାଧିନ ଅଲ୍‌ମେହେଦୀ ଚିକିତ୍ସାଳୟରେ ସେ ସେବା ସମ୍ପାଦନ କରିପାରିବେ । ଡ଼ାକ୍ତର ସାହେବ୍ ଆଇ ସ୍ପେଶାଲିଷ୍ଟ ଥିଲେ ଏବଂ ପ୍ରତି ରବିବାର ଦିନ ନିୟମିତ ସଂନ୍ଧ୍ୟା ସମୟରେ ଅଲ୍‌ମେହେଦି ଚିକିତ୍ସାଳୟରେ ଚକ୍ଷୁରୋଗୀଙ୍କର ଚିକିତ୍ସା କରୁଥିଲେ । ଛୁଟିଦିନ ମାନଙ୍କରେ ମଧ୍ୟ ସେ ଚିକିତ୍ସାଳୟକୁ ଆସିଯାଉଥିଲେ । ସେ ନିୟମିତ ରୂପେ ମେଡ଼ିକାଲ୍ କ୍ୟାମ୍ପସ୍ ମାନଙ୍କରେ ଅଂଶଗ୍ରହଣ କରୁଥିଲେ ଏବଂ ବେଳେବେଳେ ପୁରା ଦିନ ଅପରେଶନ୍‌ରେ ବ୍ୟସ୍ତ ରହୁଥିଲେ । ଯମାତ୍‌ର ଲୋକମାନେ ତାଙ୍କୁ ବହୁତ ପସନ୍ଦ କରୁଥିଲେ ଓ ଅଣଅହେମଦୀମାନେ ମଧ୍ୟ ତାଙ୍କୁ ବହୁତ ପସନ୍ଦ କରୁଥିଲେ । ସେ ସମସ୍ତଙ୍କର ପ୍ରୀୟ ଥିଲେ, ତାଙ୍କ ହାର୍ଟ ବାଇପାସ୍ ସର୍ଜରୀ ମଧ୍ୟ ହୋଇଥିଲା ଏବଂ ଜୀବନର ଶେଷ ବୟସରେ ତିନିଥର ସେ ଅତ୍ୟନ୍ତ ଭିଷଣ ଯନ୍ତ୍ରଣାରେ ପିଡ଼ୀତ ଥିଲେ ତଥାପି କାର୍ଯ୍ୟ ଅଭ୍ୟାହତ ରଖିଥିଲେ । ମଠିଠାରେ ପ୍ରାୟ ୧୫ ବର୍ଷକାଳ ମାନବସେବା ତଥା ରୋଗୀ ସେବାରେ ସେ ନିଜକୁ ସର୍ମପିତ କରିଥିଲେ । ସେ ଅଭାବିମାନଙ୍କୁ ବହୁତ ସାହାଯ୍ୟ କରୁଥିଲେ ଅତ୍ୟନ୍ତ ଅତିଥିପ୍ରୀୟ ବ୍ୟକ୍ତି ଥିଲେ । ଖିଲାଫତ୍ ଓ ଯମାତ୍‌ର ବ୍ୟବସ୍ଥାକୁ ଅତ୍ୟନ୍ତ ସମ୍ମାନ ପ୍ରଦର୍ଶନ କରୁଥିଲେ । ଅଲ୍ଲାଃ ତାଲାଙ୍କ କୃପାରୁ ସେ ଯୁବାବସ୍ଥାରେ ହିଁ ନିଜାମେ ଓ୍ୱସିୟତ୍‌ରେ ସାମିଲ ଥିଲେ । ପ୍ରତ୍ୟେକ ଆର୍ଥିକ ଆହ୍ୱାନରେ ସେ ଅଂଶଗ୍ରହଣ କରୁଥିଲେ । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ସହ ସଦୟ ହୁଅନ୍ତୁ ବୈକୁଣ୍ଠରେ ତାଙ୍କ ସ୍ତରକୁ ଉନ୍ନିତ କରନ୍ତୁ । ତାଙ୍କ ସନ୍ତାନସନ୍ତତିଙ୍କୁ ମଧ୍ୟ ତାଙ୍କ ପୂଣ୍ୟବଳୀଗୁଡ଼ିକ ଅଭ୍ୟାହତ ରଖିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ହବିବୁଲ୍ଲାଃ ମଜ୍‌ହର୍ ସାହେବ୍ ପିତା ସ୍ୱର୍ଗତ ଚୌଧୁରୀ ଅଲ୍ଲାଃଦତା ସାହେବ୍‌ଙ୍କର । ହବିବୁଲ୍ଲା ମଜ୍‌ହର୍ ସାହେବ୍ ଅସିରେ ରାହେ ମୌଲା ଅର୍ଥାତ ଅଲ୍ଲାଃଙ୍କ ମାର୍ଗରେ କାରାବରଣ ମଧ କରିଛନ୍ତି । ଅକ୍ଟୋବର ମାସ ୨୪ ତାରିଖ ଦିନ ୭୫ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି, *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।*

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

ହଜ୍‌ରତ୍ ଅଲୀ ର:ଅ ହଜ୍‌ରତ୍ ଜୁବୈର୍ ର:ଅଙ୍କୁ କହିଲେ ଆପଣ ତ' ମୋ ସହିତ ଯୁଦ୍ଧ କରିବାପାଇଁ ସେନାଦଳ ପ୍ରସ୍ତୁତ କରିଛନ୍ତି କିନ୍ତୁ ଅଲ୍ଲାଃଙ୍କ ନିକଟରେ ପେଶ୍ କରିବାପାଇଁ କୌଣସି ବାହାନା ରଖିଛନ୍ତି କି ? ଆପଣମାନେ କାହିଁକି ନିଜ ହାତରେ ଇସ୍‌ଲାମ୍‌କୁ ଧ୍ୱଂସ କରିବାପାଇଁ ଲାଗିଛନ୍ତି ଯେବେ କି ଇସ୍‌ଲାମ୍‌ର ସେବାକାର୍ଯ୍ୟ ଆପଣ ବହୁତ ପରିଶ୍ରମ କରି କରିଥିଲେ ।

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ ଖଲିଫା ରାଶିଦ୍ ଓ ଜ୍ୱାଇଁ ଅବୁ ତୁରାବ୍, ହଜ୍‌ରତ୍ ଅଲୀ ଅଲ୍‌ମୁର୍‌ତଜା ର:ଅଙ୍କ ଗୁଣାବଳୀର ଚର୍ଚ୍ଚା । ଯମଲ୍ ଯୁଦ୍ଧ, ସିଫିନ୍ ଯୁଦ୍ଧ ଏବଂ ନହର୍‌ୱାନ୍ ଯୁଦ୍ଧରେ ଘଟିଥିବା ଘଟଣା ସମ୍ବନ୍ଧରେ ଚର୍ଚ୍ଚା ।

ତର୍‌ବିୟତ୍ (ପ୍ରଶିକ୍ଷଣ) ପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକ ଗୁଡ଼ିକୁ ନିଜେ ଅଧ୍ୟୟନ କରନ୍ତୁ, ଏମ୍‌ଟିଏ ସହିତ ଯୋଡ଼ି ହୋଇ ରହନ୍ତୁ ଏବଂ ଯୁମାର ଖୁତ୍‌ବାଗୁଡ଼ିକୁ ନିଶ୍ଚିତ ରୂପେ ଏମ୍‌ଟିଏ ଦ୍ୱାରା ଶୁଣନ୍ତୁ । ଏହା ଦ୍ୱାରା ଖିଲାଫତ୍ ସହିତ ସମ୍ପର୍କ ତିଷ୍ଠି ରହିବ, ଉତମ ହେବ ଏବଂ ବଢ଼ି ଚାଲିବ ।

ପାକିସ୍ତାନରେ ରହୁଥିବା ଅହେମଦୀ ବିଶେଷରୂପେ ନୱାଫିଲ୍ ଓ ଦୁଆ ଉପରେ ଜୋର୍ ଦିଅନ୍ତୁ । ଦୁଆ କରିବାବେଳେ ଏହି ଦୁଆକୁ ଅର୍ଥାତ- **ରବ୍‌ବି କୁଲ୍ଲୁ ଶୈଇନ୍, ଖାଦିମୁକା ରବ୍‌ବି ଫହ୍‌ଫଜ୍‌ନି ୱନ୍‌ସୁର୍‌ନି ୱର୍‌ହମ୍‌ନି ଏବଂ ଅଲ୍ଲାହୁମ୍ମା ଇନ୍ନା ନଯାଆଲୁକା ଫି ନୁହୁରିହିମ୍ ୱ ନଉଜୁବିକା ମିନ୍ ଶୁରୁରିହିମ୍** ବହୁତ ପଢ଼ନ୍ତୁ । ଇସ୍‌ତିଗ୍‌ଫାର୍ ଏବଂ ଦରୁଦ୍ ଶରିଫ୍ ପ୍ରତି ଧ୍ୟାନ ଦିଅନ୍ତୁ । ନୱାଫିଲ୍ ମଧ  ପାଠ କରନ୍ତୁ । ଅଲ୍ଲାଃ ଏହା କରିବାପାଇଁ ଶକ୍ତି ଦିଅନ୍ତୁ ଓ ସେଠାରେ ଖୁବ୍ ଶିଘ୍ର ଅବସ୍ଥା ସୁଧୁରି ଯାଉ । ଆମିନ୍

ପାଂଚଜଣ ମର୍‌ହୁମୀନ୍ ମୋକରମା ହୁମ୍‌ଦା ଅବ୍‌ବାସ୍ ସାହିବା ପତ୍ନୀ ମୋକରମ୍ ଅବ୍‌ବାସ୍ ବିନ୍ ଅବ୍‌ଦୁଲ୍ କାଦିର୍ ସାହେବ୍ ଖୈର୍‌ପୁର୍ ସିନ୍ଧ, ମୋକରମ୍ ରିଜ୍‌ୱାନ୍ ସୟଦ୍ ନଇମି ସାହାବ୍ ଇରାକ୍, ମୋକରମ୍ ମଲକ ଅଲୀ ମୁହମ୍ମଦ୍ ସାହେବ୍ ଅଫ୍ ହଜ୍‌କା ଜିଲ୍ଲା ସର୍‌ଗୋଧା, ମୋକରମ୍ ଏହ୍‌ସାନ୍ ଅହ୍‌ମଦ୍ ସାହେବ୍ ଲାହୋର୍ ଏବଂ ମୋକରମ୍ ରିଆଜୁଦ୍ଦିନ୍ ଶମସ୍ ସାହେବଙ୍କର ଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।

ଅଲ୍‌ଜଜାଇର୍‌ର ଦୁଇଟି ନ୍ୟାୟାଳୟ ମିଥ୍ୟାରୋପରେ ଗିରଫ୍ ହୋଇଥିବା ବହୁତ ଅହେମଦୀମାନଙ୍କୁ ମୁକ୍ତ କରିଛନ୍ତି ।

ପାକିସ୍ତାନରେ ରହୁଥିବା ଅହେମଦୀମାନଙ୍କୁ ନୱାଫିଲ୍ ପାଠ ପାଇଁ ଓ ଦୁଆ କରିବାପାଇଁ ଉପଦେଶ

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୨୫ ଡ଼ିସେମ୍ବର ୨୦୨୦ ଅନୁଯାୟୀ ୨୫ ଫତହ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ

أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ- بِسْمِ اللّٰهِ الرَّحْمٰنِ الرَّحِيمِ-

اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-

اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ଗତ ଖୁତ୍‌ବାରେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଶହୀଦ ହେବା ଓ ବିଦ୍ରୋହୀମାନଙ୍କ ଷଡ଼ଯନ୍ତ୍ର ପ୍ରସଙ୍ଗରେ ଚର୍ଚ୍ଚା ଚାଲିଥିଲା । ଏହି ପରିପ୍ରେକ୍ଷୀରେ ହଜ୍‌ରତ୍ ଅଲୀ ର:ଅଙ୍କର କଣ ଭୂମିକା ଥିଲା ଏବଂ ସେ କି ପ୍ରଚେଷ୍ଟା କରିଥିଲେ ତାହା ଆଜି ଚର୍ଚ୍ଚା ହେବ ଯାହାକି ଅତି ଗରୁରୁତ୍ୱପୂର୍ଣ୍ଣ ସୂଚନା ଉପଲବ୍ଧ କରାଇବ । ଏହି ସମ୍ବନ୍ଧରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ।

ଯେପରି ହଜୁର ସ:ଆ:ସଙ୍କ ସାହାବାମାନେ ଥିଲେ ତୁମେମାନେ ତାଙ୍କ ସଦୃଶ ଅଟ । ଅତଏବ ମୁଁ ଚାହୁଁଛି କି ଇତିହାସରୁ ମୁଁ ବର୍ଣ୍ଣନା କରିବି କି ମୁସଲମାନମାନଙ୍କର କିଭଳି ଅର୍ଦ୍ଧପତନ ଘଟିଲା ଏବଂ ସେମାନେ କିଭଳି ବିପର୍ଯ୍ୟସ୍ତ ହେଲେ ଏବଂ କେଉଁ ପରିସ୍ଥିତି ସେମାନଙ୍କ ବିପର୍ଯ୍ୟୟର କାରଣ ସାବ୍ୟସ୍ତ ହେଲା । ସୁତରାଂ ତୁମେମାନେ ସାବଧାନା ହୋଇଯାଅ ଏବଂ ତୁମମାନଙ୍କ ମଧ୍ୟରେ ନବାଗତ ମୁସଲମାନମାନଙ୍କ ଶିକ୍ଷା ଓ ସଂସ୍କାର ଲାଗି ବ୍ୟବସ୍ଥା ଓ ଆୟୋଜନ କର । ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସମୟରେ ଯେଉଁ ଉପଦ୍ରବର ସୁତ୍ରପାତ ଘଟିଥିଲା ତାହା ସାହାବାମାନଙ୍କ ଦ୍ୱାରା ସୃଷ୍ଟି ହେଇନଥିଲା ଏବଂ ଯେଉଁ ଲୋକମାନେ ଏହା କୁହନ୍ତି କି ସେହି ଉପଦ୍ରବଟି ସାହାବାମାନଙ୍କ ଦ୍ୱାରା ହିଁ ସୃଷ୍ଟି ହୋଇଥିଲା, ସେମାନଙ୍କୁ ଭ୍ରମ ଲାଗିଛି । ଉକ୍ତ ଉପଦ୍ରବର କେନ୍ଦ୍ରବିନ୍ଦୁ ସାହାବାମାନେ ନଥିଲେ ବରଂ ସେହି କଳହ ପ୍ରୀୟ ଓ ଉପଦ୍ରବକାରୀମାନେ ଥିଲେ ଯେଉଁମାନେ ପରବର୍ତୀ ପ୍ରର୍ଯ୍ୟାୟରେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିଲେ ଏବଂ ଯେଉଁମାନଙ୍କୁ ହଜୁର ସ:ଆ:ସଙ୍କ ସହଚାର୍ଯ୍ୟତା ଲାଭ ହୋଇନଥିଲା । ଯେଉଁମାନେ ହଜୁର ସ:ଆ:ସଙ୍କ ସତ୍‌ସଙ୍ଗରେ ବସିନଥିଲେ । ଅତଏବ ମୁଁ ଆପଣମାନଙ୍କୁ ସଚେତନ କରୁଛି ଏବଂ ଉପଦ୍ରବଠାରୁ ସୁରକ୍ଷିତ ରହିବାର ଉପାୟ ବିଷୟରେ ଅବଗତ କରୁଛି କି ଆପଣମାନେ ଏକାଧିକବାର କାଦିୟାନ ଆସନ୍ତୁ ଏବଂ ବାରମ୍ବାର ଆସନ୍ତୁ କାରଣ ଏହା ଦ୍ୱାରା ଆପଣମାନଙ୍କର ବିଶ୍ୱାସ ସତେଜ ଓ ସଦ୍ୟ ହେବ ଏବଂ ଅଲ୍ଲାଃ ତାଲାଙ୍କର ଭୟ ଆପଣମାନଙ୍କ ହୃଦୟରେ ଅଭିବୃଦ୍ଧି ଘଟିବ ।"

*(ଅନୱାରୁଲ୍ ଖିଲାଫତ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୩, ପୃ-୧୭୧)*

ଅର୍ଥାତ ମର୍କଜ୍ ସହିତ ଓ ଖିଲାଫତ୍ ସହିତ ତୁମ୍ଭର ସୁସମ୍ପର୍କ ରହିବ । ଆଜିକାଲି ଅଲ୍ଲାଃ ତାଲା ଏମ୍‌ଟିଏ ଭଳି ଏକ ସୁବିଧା ଉପଲବ୍ଧ କରାଇଛନ୍ତି ଏଣୁ ସଂସ୍କାର ନିମନ୍ତେ ଏହା ଅତ୍ୟନ୍ତ ଆବଶ୍ୟକ ଯେ ଏମ୍‌ଟିଏ ବ୍ୟତିତ ସ୍ୱୟମ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ପୁସ୍ତକଗୁଡ଼ିକର ଅଧ୍ୟୟନ କରନ୍ତୁ ଏବଂ ଏମ୍‌ଟିଏ ସହିତ ଯୋଡ଼ି ରୁହନ୍ତୁ ଏବଂ ବିଶେଷ କରି ଯୁମାର ଖୁତ୍‌ବା ଅବଶ୍ୟ ଶୁଣନ୍ତୁ ଯେପରି ଆପଣମାନଙ୍କର ଖିଲାଫତ୍ ସହିତ ସମ୍ପର୍କ ସୁଦୃଢ଼ ହେବ ଏବଂ ଏହି ସର୍ମ୍ପକ ଆଗକୁ ଉତ୍କୃଷ୍ଟ ଓ ମଜ୍‌ଭୁତ୍ ହେବ ।

ଯମଲ୍ ଯୁଦ୍ଧ ହଜ୍‌ରତ୍ ଅଲୀ ର:ଅ ଓ ହଜ୍‌ରତ୍ ଆଇଶା ର:ଅଙ୍କ ମଧ୍ୟରେ ୩୬ ହିଜ୍‌ରୀରେ ଘଟିଥିଲା । ହଜ୍‌ରତ୍ ଆଇଶା ର:ଅଙ୍କ ସହିତ ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର୍ ର:ଅ ମଧ୍ୟ ଥିଲେ । ହଜ୍‌ରତ୍ ଆଇଶା ର:ଅ ଯୁଦ୍ଧ ଭୂମିରେ ଏକ ଓଟ ଉପରେ ଆରୋହଣ କରି ଉପସ୍ଥିତ ଥିଲେ ଏଥିଯୋଗୁଁ ଏହି ଯୁଦ୍ଧର ନାମ ଜମଲ୍ ଯୁଦ୍ଧ ନାମରେ ପ୍ରଶିଦ୍ଧି ଲାଭ କରିଥିଲା । ସେତେବେଳେ ହଜ୍‌ରତ୍ ଆଇଶା ର:ଅ ହଜ୍ କରିବା ଉଦ୍ଦେଶ୍ୟରେ ମକ୍କା ଯାଇଥିଲେ । ସେଠାରେ ଅବସ୍ଥାନ ସମୟରେ ହିଁ ତାଙ୍କୁ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଶହୀଦ ହେବା ଖବର ମିଳିଥିଲା ସେ ଉମ୍‌ରା କରିବା ପରେ ମଦିନା ଅଭିମୁଖେ ବାହାରିଲେ ଏବଂ ଯାତ୍ରା ସମୟରେ ହିଁ ସର୍ଫ ନାମକ ସ୍ଥାନରେ ତାଙ୍କୁ ଉବୈଦା ବିନ୍ ଅବୁ ସଲ୍‌ମା ସୁଚିତ କଲେ କି ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ବାଗିମାନେ ଅର୍ଥାତ ବିଦ୍ରୋହୀମାନେ ଶହୀଦ କରିଦେଇଛନ୍ତି ଏବଂ ହଜ୍‌ରତ୍ ଅଲୀ ର:ଅ ପରବର୍ତୀ ଖଲିଫା ହୋଇଯାଇଛନ୍ତି ଏବଂ ମଦିନାରେ କୋଳାହଳ ପୂର୍ଣ୍ଣ ବାତାବରଣ ସର୍‌ଗରମ୍ ରହିଛି । ଏହା ଶୁଣି ହଜ୍‌ରତ୍ ଆଇଶା ର:ଅ ସେହି ସ୍ଥାନରୁ ହିଁ ମକ୍କା ଫେରି ଆସିଲେ ଏବଂ ଲୋକମାନଙ୍କୁ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ରକ୍ତର ପ୍ରତିଶୋଧ ନେବାପାଇଁ ତଥା ସମସ୍ତ ଉପଦ୍ରବର ମୂଳପ୍ପାଟନ ନିମନ୍ତେ ଏକାଠି କଲେ ହଜ୍‌ରତ୍ ଆଇଶା ର:ଅ ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର୍ ର:ଅଙ୍କର ଅଧ୍ୟକ୍ଷତାରେ ଅନେକ ଲୋକ ଏକାଠି ହେଲେ ଏବଂ ସେହିଠାରୁ ଉକ୍ତ ଦଳ ବସ୍‌ରା ଅଭିମୁଖେ ବାହାରି ପଡ଼ିଲେ । ହଜ୍‌ରତ୍ ଅଲୀ ର:ଅ ମଧ୍ୟ ଏହାର ସୁଚନା ପାଇ ବସ୍‌ରା ଆଡ଼କୁ ମୁହାଁଇଲେ ବସ୍‌ରାରେ ପହଂଚି ହଜ୍‌ରତ୍ ଆଇଶା ର:ଅ ଉକ୍ତ ସହରବାସୀଙ୍କୁ ନିଜ ସହିତ ସାମିଲ ହେବାପାଇଁ ଆମନ୍ତ୍ରିତ କଲେ । ଅତଏବ ସ୍ଥାନିୟ ନିବାସୀଙ୍କ ମଧ୍ୟରୁ ଏକ ବଡ଼ ସଂଖ୍ୟକ ଲୋକ ତାଙ୍କ ସହିତ

ସାମିଲ ହୋଇଗଲେ କିନ୍ତୁ ଆଉ ଏକ ଦଳ ହଜ୍‌ରତ୍ ଅଲୀଙ୍କ ଦ୍ୱାରା ମୁତୟନ ଅମୀର ଉସ୍‌ମାନ୍ ବିନ୍ ହନିଫ୍‌ଙ୍କ ହସ୍ତରେ ବୟତ କରିନେଲେ । ଇତି ମଧରେ ଉଭୟ ଦଳ ମଧ୍ୟରେ ମୁହାଁମୁହିଁ ମଧ୍ୟ ହେଲା । ହଜ୍‌ରତ୍ ଅଲୀ ର:ଅ ବସ୍‌ରା ପହଂଚି ହଜ୍‌ରତ୍ ଆଇଶା ର:ଅଙ୍କ ସେନାଦଳ ନିକଟରେ ଡ଼େରା ଲଗାଇଲେ । ଉଭୟ ପକ୍ଷ ମଧ୍ୟରେ ସନ୍ଧି ପାଇଁ ପ୍ରୟାସ ମଧ୍ୟ ହେଲା ଏବଂ କଥାବାର୍ତା ଫଳପ୍ରଦ ମଧ୍ୟ ସାବ୍ୟସ୍ତ ହେଲା କିନ୍ତୁ ରାତ୍ର ସମୟରେ ସେହି ଦଳ ଯିଏ ଉସ୍‌ମାନ ର:ଅଙ୍କ ହତ୍ୟାରେ ସାମିଲ ଥିଲେ ସେମାନଙ୍କ ମଧ୍ୟରୁ କିଛି ହଜ୍‌ରତ୍ ଅଲୀ ର:ଅଙ୍କ ସେନାରେ ଲୁଚି ରହିଥିଲେ । ସେମାନେ ହଜ୍‌ରତ୍ ଆଇଶା ର:ଅଙ୍କ ସେନା ଉପରେ ଆକ୍ରମଣ କରିଦେଲେ ଏବଂ ଏହିପରି ଯୁଦ୍ଧର ସୁତ୍ରପାତ ହେଲା । ହଜ୍‌ରତ୍ ଆଇଶା ର:ଅ ଓଟ ଉପରେ ବିରାଜମାନ ଥିଲେ ଏବଂ ତାଙ୍କ ଓଟର ଲଗାମ୍ ଧରୁଥିବା ଉତ୍ସର୍ଗୀ ସାହାବିମାନେ ଜଣକ ପରେ ଜଣେ ଶହୀଦ ହୋଇଯାଉଥିଲେ । ହଜ୍‌ରତ୍ ଅଲୀ ର:ଅ ଏହା ହୃଦୟଙ୍ଗମ କଲେ ଯେ ହଜ୍‌ରତ୍ ଆଇଶା ର:ଅ ଯେପର୍ଯ୍ୟନ୍ତ ଓଟ ଉପରେ ବିରାଜମାନ ରହିଥିବେ ସେ ପର୍ଯ୍ୟନ୍ତ ଯୁଦ୍ଧର ସମାପ୍ତି ଘଟିବ ନାହିଁ । ତେଣୁ ସେ ନିଜ ସୁଦକ୍ଷ ଲଢୁଆ ସେନାକୁ ଆଦେଶ ଦେଲେ ଯେ, କୌଣସି ପ୍ରକାରେ ହଜ୍‌ରତ୍ ଆଇଶା ର:ଅଙ୍କ ଓଟକୁ ଭୁମିଷ୍ଠ କରିଦିଅ କାରଣ ସେଇଥିରେ ହିଁ ଏହି ଯୁଦ୍ଧର ଅବସାନ ହେବ ଏବଂ ଏହି ଯୁଦ୍ଧର ଅବସାନ ଏଇଥିରେ ନିର୍ଭର କରୁଛି । ଅତଏବ ଆଦେଶ ପାଳନ କରି ଜଣେ ବ୍ୟକ୍ତି ଯାଇ ଓଟର ଗୋଡ଼ କାଟିଦେଲା ଯଦ୍ୱାରା ଓଟଟି ଘାଇଲା ହୋଇ ବସି ପଡ଼ିଲା । ହଜ୍‌ରତ୍ ଅଲୀ ର:ଅଙ୍କ ସେନା ଓଟକୁ ଚତୁପାର୍ଶ୍ୱରୁ ଘେରି ଗଲେ ଏବଂ ହଜ୍‌ରତ୍ ଆଇଶା ର:ଅଙ୍କ ସାଥିରେ ଥିବା ଲୋକମାନେ ଏଣେତେଣେ ବିକ୍ଷିପ୍ତ ହୋଇଗଲେ । ସେଥିଅନ୍ତେ ହଜ୍‌ରତ୍ ଅଲୀ ର:ଅ ଘୋଷଣା କରିଦେଲେ ଯିଏ ଅସ୍ତ୍ରବିରତି କରିବ ଅବା ନିଜ ଘର ଦ୍ୱାର ବନ୍ଦ କରିଦେବ ସେହି ବ୍ୟକ୍ତିକୁ ସୁରକ୍ଷା ପ୍ରଦାନ କରାଯିବ ଏବଂ କାହାର ପିଛା କରାଯିବ ନାହିଁ କାହାର ଧନ ଲୁଣ୍ଠନ କରାଯିବ ନାହିଁ । ଏହି ଯୁଦ୍ଧରେ ହଜ୍‌ରତ୍ ଜୁବୈର୍ ର:ଅ ଓ ହଜ୍‌ରତ୍ ତଲ୍‌ହା ର:ଅ ଶହୀଦ ହେଲେ । ଏହାର ଗୋଟିଏ ଅଂଶ ଇବ୍‌ନେ ଅସିର୍‌ଙ୍କ ଇତିହାସରୁ ସାରାଂଶ ନିଆଯାଇଅଛି ।

***(ଅଲ୍‌କାମିଲ୍ ଫିଲ୍‌ତାରିଖ୍.... ଇବ୍‌ନେ କସିର୍, ଖଣ୍ଡ-୩, ପୃ-୯୯-୧୪୯.... ବେରୁତ ଲେବ୍‌ନାନ୍ ୨୦୦୩)***

ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି କୁହନ୍ତି ସେହି ଲୋକମାନଙ୍କ ଏକ ଦଳ ଯେଉଁମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ହତ୍ୟାରେ ସମ୍ପୃକ୍ତ ଥିଲେ, ସେମାନେ ହଜ୍‌ରତ୍ ଆଇଶା ର:ଅଙ୍କୁ ଏଥିରେ ରାଜି କରାଇଦେଲେ ଯେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ରକ୍ତର ପ୍ରତିଶୋଧ ନେବାପାଇଁ ଜେହାଦ୍‌ର ଘୋଷଣା କରନ୍ତୁ । ଅତଏବ ହଜ୍‌ରତ୍ ଆଇଶା ର:ଅ ଏହାର ଘୋଷଣା କଲେ ଏବଂ ସାହାବାଙ୍କୁ ସାହାଯ୍ୟ ପାଇଁ ଡ଼ାକରା ଦେଲେ, ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର୍ ମଧ୍ୟ ତାଙ୍କ ସହିତ ମିଳିତ ହୋଇଗଲେ । ପରିଣାମ ସ୍ୱରୁପ ହଜ୍‌ରତ୍ ଅଲୀ ର:ଅ ଓ ଅନ୍ୟ ପକ୍ଷରେ ହଜ୍‌ରତ୍ ଆଇଶା ର:ଅ, ତଲ୍‌ହା ଓ ଜୁବୈର୍‌ଙ୍କ ମଧ୍ୟରେ ଯୁଦ୍ଧର ସୁତ୍ରପାତ ହେଲା ଯାହାକି ଯମଲ୍ ଯୁଦ୍ଧ ନାମରେ ଅଭିହିତ ବା ଖ୍ୟାତ । ଏହି ଯୁଦ୍ଧର ଆରମ୍ଭରେ ହିଁ ହଜ୍‌ରତ୍ ଜୁବୈର୍ ହଜ୍‌ରତ୍ ଅଲୀ ର:ଅଙ୍କ ମୁହଁରୁ ରସୁଲୁଲ୍ଲାଃ ସ:ଆ:ସଙ୍କ ଏକ ପେଶ୍‌ଗୋଇ ଶୁଣି ଅଲଗା ହୋଇଗଲେ ଏବଂ ରାଣ ଖାଇଲେ ଯେ ସେ ହଜ୍‌ରତ୍ ଅଲୀଙ୍କ ସହିତ ଯୁଦ୍ଧ କରିବେ ନାହିଁ ଓ ନିଜ ଭୂଲ୍ ସ୍ୱୀକାର କରିନେଲେ । ଅନ୍ୟପଟେ ହଜ୍‌ରତ୍ ତଲ୍‌ହା ର:ଅ ମୃତ୍ୟୁ ପୂର୍ବରୁ ହଜ୍‌ରତ୍ ଅଲୀଙ୍କ ବୟତକୁ ସ୍ୱୀକାର କରିନେଲେ । ଗତ ଖୁତ୍‌ବାରେ ମଧ ତାଙ୍କର ଚର୍ଚ୍ଚା ହୋଇ ସାରିଛି । କାରଣ ରିୱାୟତ୍‌ରେ ଆସୁଛି ଯେ ସେ ଆଘାତ ପାଇ ତଡ଼ପୁଥିବା ବେଳେ ଜଣେ ତାଙ୍କ ନିକଟ ଦେଇ ଗଲା । ସେ ତାକୁ ପଚାରିଲେ ତୁମେ କେଉଁ ଗୋଷ୍ଠିର ? ସେ କହିଲା ମୁଁ ହଜ୍‌ରତ୍ ଅଲୀଙ୍କ ଗୋଷ୍ଠିର । ଏହା ଶୁଣି ହଜ୍‌ରତ୍ ତଲ୍‌ହା ସେହି ଲୋକର ହାତ ଉପରେ ହାତ ରଖି କହିଲେ ତୁମର ହାତ ହେଉଛି ଅଲୀଙ୍କ ହାତ ତେଣୁ ମୁଁ ତୁମ ହାତରେ ହଜ୍‌ରତ୍ ଅଲୀ ର:ଅଙ୍କୁ ପୂନର୍ବାର ବୟତ କରୁଅଛି । ସୁତରାଂ ସମସ୍ତ ସାହବାମାନଙ୍କର ମତଭେଦ ଜମଲ୍ ଯୁଦ୍ଧରେ ଶେଷ ହୋଇଗଲା କିନ୍ତୁ ହଜ୍‌ରତ୍ ମାୱିୟାଙ୍କ ମତଭେଦ ବାକି ରହିଲା, ଏପରିକି ସିଫିନ୍ ଯୁଦ୍ଧ ପର୍ଯ୍ୟନ୍ତ ରହିଲା ।

***(ଖିଲାଫତେ ରାଶ୍‌ଦା, ଅନୱାରୁଲ୍ ଉଲୁମ୍ ଖଣ୍ଡ-୧୫, ପୃ-୪୮୫-୪୮୬)***

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ଅଧିକନ୍ତୁ କୁହନ୍ତି ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ହତ୍ୟାକାରୀ ଯିଏକି ବିଭିନ୍ନ ଦିଗରେ ପଳାୟନ କରିଥିଲେ ଏବଂ ନିଜ ଉପରେ ଆଙ୍ଗୁଳି ଉଠିବାରୁ ବର୍ତି ରହିବାପାଇଁ ଅନ୍ୟମାନଙ୍କ ଉପରେ ଦୋଷାରୋପ କରୁଥିଲେ ଯେତେବେଳେ ସେମାନଙ୍କୁ ଜ୍ଞାତ ହେଲା ଯେ, ହଜ୍‌ରତ୍ ଅଲୀ ମୁସଲମାନମାନଙ୍କଠାରୁ ବୟତ ନେବା ଆରମ୍ଭ କରିଦେଇଛନ୍ତି ସେତେବେଳେ ସେମାନଙ୍କୁ ତାଙ୍କ ଉପରେ ଆକ୍ଷେପ କରିବାର ସୁବର୍ଣ୍ଣ ସୁଯୋଗ ମିଳିଗଲା ଏବଂ ତାଙ୍କ ଆଖପାଖରେ ଉକ୍ତ ହତ୍ୟାକାରୀମାନେ ମଧ୍ୟ ଯମା ଥିଲେ । ସେମାନଙ୍କ ମଧ୍ୟରୁ ଯେଉଁ ଦଳ ମକ୍କା ଚାଲିଯାଇଥିଲେ ସେମାନେ ହଜ୍‌ରତ୍ ଆଇଶା ର:ଅଙ୍କୁ ଏହି କଥାରେ ରାଜି କରାଇଦେଲେ ଯେ, ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ରକ୍ତର ପ୍ରତିଶୋଧ ନେବାପାଇଁ ଆପଣ ଜେହାଦ୍‌ର ଘୋଷଣା କରନ୍ତୁ । ହଜ୍‌ରତ୍ ଆଇଶା ର:ଅ ଏହାର ଘୋଷଣା କଲେ ଏବଂ ସାହାବାମାନଙ୍କୁ ନିଜ ସାହାଯ୍ୟ ନିମନ୍ତେ ଡ଼ାକରା ଦେଲେ । ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର୍ ର:ଅ ହଜ୍‌ରତ୍ ଅଲୀ ର:ଅଙ୍କ ଏହି ସର୍ତରେ ବୟତ କରିଥିଲେ ଯେ, ସେ ଖୁବ୍ ଶିଘ୍ର ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ହତ୍ୟାକାରୀଙ୍କଠାରୁ ପ୍ରତିଶୋଧ ନେବେ ଏବଂ ସେମାନଙ୍କୁ ଦଣ୍ଡିତ କରିବେ । ସେମାନେ ଖୁବ୍ ଶିଘ୍ର ଯାହା ଅର୍ଥ ବୁଝି ଥିଲେ ତାହା ହଜ୍‌ରତ୍ ଅଲୀ ର:ଅଙ୍କ ଅନୁଯାୟୀ ପରିସ୍ଥିତି ଅନୁକୂଳ ନଥିଲା । ହଜ୍‌ରତ୍ ଅଲୀ ର:ଅଙ୍କ ଚିନ୍ତା ଧାରା ଥିଲା କି ପ୍ରଥମେ ସମସ୍ତ ରାଜ୍ୟରେ ଇସ୍‌ଲାମୀୟ ଶାସନ ବ୍ୟବସ୍ଥା ସାମାନ୍ୟ ହୋଇଯାଉ ତା'ପରେ ଯାଇ ହତ୍ୟାକାରୀଙ୍କୁ ଦଣ୍ଡ ବିଧାନ କରାଯିବ ଏବଂ ସେଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କାରଣ ସର୍ବପ୍ରଥମେ ଇସ୍‌ଲାମ୍‌ର ଦୃଢ଼ତା ଓ ସୁରକ୍ଷ ଅନିବାର୍ଯ୍ୟ ଥିଲା ହତ୍ୟାକାରୀଙ୍କୁ ପରବର୍ତୀ ସମୟରେ ଦଣ୍ଡିତ କରିବାରେ କିଛି ଅସୁବିଧା ନଥିଲା । ପୂଣି ଏହି ହତ୍ୟାକାଣ୍ଡ ପଛରେ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ଆକଳନ କରିବା ମଧ୍ୟ ମତପାର୍ଥ୍ୟକ ସୃଷ୍ଟି କରିଥିଲା ଯେ ଏହି ଷଡ଼ଯନ୍ତ୍ରରେ କେଉଁମାନେ ସଂପୃକ୍ତ ? ହଜ୍‌ରତ୍ ଅଲୀ ର:ଅଙ୍କ ନିକଟକୁ ଅତ୍ୟନ୍ତ ମର୍ମାହତ ଅବସ୍ଥାରେ ସେମାନେ ଆସି ଇସ୍‌ଲାମ୍‌ର ବିଭାଜନ ହେବାର ଆଶଙ୍କାରେ କ୍ଷୋଭ ପ୍ରକାଶ କରୁଥିଲେ । ତେଣୁ ସେମାନଙ୍କ ଚୟନ କରିବା ଅତ୍ୟନ୍ତ କଷ୍ଟସାଧ ଥିଲା । ଏହି ମତପ୍ରାର୍ଥକ୍ୟକୁ ଦେଖି ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର ମଣିଲେ କି ହଜ୍‌ରତ୍ ଅଲୀ ର:ଅ ନିଜ ପ୍ରତିଶୃତିକୁ ବୋଧ ହୁଏ ପାସୋରି ବସିଛନ୍ତି କାରଣ ସେମାନେ ଯେଉଁ ସର୍ତ ଆଧାରରେ ବୟତ କରିଥିଲେ ତାହା ସେପର୍ଯ୍ୟନ୍ତ ହଜ୍‌ରତ୍ ଅଲୀ ପୁରଣ କରିନଥିଲେ ତେଣୁ ସେମାନେ ନିଜକୁ ବୟତରୁ ସ୍ୱାଧିନ ମଣୁଥିଲେ । ଆଉ ଯେତେବେଳେ ସେମାନେ ହଜ୍‌ରତ୍ ଆଇଶା ର:ଅଙ୍କ ଘୋଷଣା ଶୁଣିଲେ ସେତେବେଳେ ସେମାନେ ତାଙ୍କ ସହିତ ଯାଇ ସାମିଲ ହୋଇଗଲେ । ଏପରି ସଭିଏଁ ବସ୍‌ରା ଅଭିମୁଖେ ବାହାରିପଡ଼ିଲେ । ବସ୍‌ରାର ଗଭର୍ଣ୍ଣର ସେଠାକାର ବାସିନ୍ଦାଙ୍କୁ ଆପଣଙ୍କ ସହ ଅର୍ଥାତ ହଜ୍‌ରତ୍ ଆଇଶା ର:ଅଙ୍କ ମିଶିବାରେ କଟକଣା ଲଗାଇଲେ କିନ୍ତୁ ଯେତେବେଳେ ସର୍ବସାଧାରଣରେ ଏକଥା ପ୍ରଘଟ ଘଟିଲା କି ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର୍ ଗୋଟିଏ ସର୍ତର ଆଧାରରେ ହଜ୍‌ରତ୍ ଅଲୀ ର:ଅଙ୍କ ବୟତ କରିଛନ୍ତି । ସେତେବେଳେ ଅଧିକାଂଶ ଲୋକ ଆସି ହଜ୍‌ରତ୍ ଜୁବୈର୍‌ଙ୍କ ଓ ହଜ୍‌ରତ୍ ତଲ୍‌ହାଙ୍କ ସହିତ ସାମିଲ ହୋଇଗଲେ । ଯେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କୁ ଉକ୍ତ ସେନାଦଳର ପ୍ରସ୍ତୁତି ହେବା କଥା ଜ୍ଞାତ ହେଲା ସେତେବେଳେ ସେ ମଧ୍ୟ ଏକ ସେନା ବସ୍‌ରା ଅଭିମୁଖେ ପ୍ରେରଣ କଲେ ଏବଂ ବସ୍‌ରାରେ ପହଂଚି ସେ ଜଣେ ବ୍ୟକ୍ତିକୁ ହଜ୍‌ରତ୍ ଆଇଶା ର:ଅ, ଜୁବୈର୍ ଓ ତଲ୍‌ହା ର:ଅଙ୍କ ନିକଟକୁ ପ୍ରେରଣ କରିଲେ । ସେ ସେମାନଙ୍କ ନିକଟରେ ଉପସ୍ଥିତ ହୋଇ ତାଙ୍କ ଉଦ୍ଦେଶ୍ୟ କଣ ପଚାରି ବୁଝିଲେ ପ୍ରତିଉତରରେ ହଜ୍‌ରତ୍ ଆଇଶା ର:ଅ କହିଲେ ଆମ ଉଦ୍ଦେଶ୍ୟ କେବଳ ସୁଧାର ଅଟେ ତାହାପରେ ସେ ହଜ୍‌ରତ୍ ତଲ୍‌ହା ଓ ଜୁବୈର୍‌ଙ୍କୁ ମଧ୍ୟ ଡ଼କାଇଲେ ଏବଂ ପଚାରିଲେ ଯେ କଣ ଆପଣମାନେ ମଧ୍ୟ ଏଥିପାଇଁ ଯୁଦ୍ଧ କରିବାକୁ ଚାହୁଁଛନ୍ତି ? ସେମାନେ ଉତର ଦେଲେ ହଁ ଅର୍ଥାତ ସୁଧାର ପାଇଁ ଆମେ ତାହା କରିବାକୁ କଦାପି ପଶ୍ଚାତପଦ ଦେବୁନାହିଁ । ସେ ପୁନଶ୍ଚ ତାଙ୍କୁ କହିଲେ, ଯଦି ସୁଧାର ହିଁ ସାର ତେବେ ଏହି ପନ୍ଥା ଯାହା ଆପଣ ଅବଲମ୍ବନ କରିଛନ୍ତି ତାହା ଠିକ୍ ନୁହେଁ ଏହାର ପରିଣାମ ତ ବିଭ୍ରାଟ ଓ ବିଶୃଙ୍ଖଳା ସୃଷ୍ଟି କରିବା ଅଟେ । ବର୍ତମାନ ଦେଶର ପରିସ୍ଥିତି ତ ଏତେ ଜଟିଳ ଯେ, ଯଦି ଜଣେ ବ୍ୟକ୍ତି ଆପଣଙ୍କୁ ହତ୍ୟା କରିଦିଏ ତେବେ ସହସ୍ର ଲୋକ ତାହା ସପକ୍ଷରେ ଛିଡ଼ା ହୋଇଯିବେ ଏବଂ ମୁକାବିଲା ପାଇଁ ଅଂଟା ଭିଡ଼ିବେ ପୁଣି ଏହି ପ୍ରକ୍ରିୟା ଆଗକୁ ସମାନ୍ ରୂପେ ବଢ଼ିଚାଲିବ । ସୁତରାଂ ସର୍ବପ୍ରଥମେ ଦେଶକୁ ଏକତା ଓ ଅଖଣ୍ଡତାର ରସି ଦ୍ୱାରା ବାନ୍ଧିଦେବା ଜରୁରୀ ଅଟେ । ତା'ପରେ ଯାଇ ଦୁଷ୍ଟ ଓ ଦୁର୍ବୃତମାନଙ୍କୁ ଦଣ୍ଡିତ କରିବା ନଚେତ ଏପରି ଅପ୍ରିତିକର ପରିସ୍ଥିତିରେ କାହାରିକୁ ଦଣ୍ଡିତ କରିବା ଦ୍ୱାରା ଦେଶରେ ବିଭ୍ରାଟ ଓ ବିଶୃଙ୍ଖଳାକୁ ବଢ଼ିଯିବ । ପ୍ରଥମେ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉ ତା'ପରେ ଯାଇ ଦୋଷିଙ୍କୁ ଦଣ୍ଡିତ କରିବା । ସେମାନେ କହିଲେ ଯଦି ହଜ୍‌ରତ୍ ଅଲୀ ର:ଅଙ୍କର ଏହି ଉଦ୍ଦେଶ୍ୟ ତେବେ ସେ ଆସନ୍ତୁ ଆମେ ତାଙ୍କ ସହ ମିଶିବାପାଇଁ ପ୍ରସ୍ତୁତ ଅଛୁ । ଯେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କୁ ଏହାର ସୁଚନା ଦିଆଗଲା ଓ ଉଭୟପକ୍ଷ ଯୁଦ୍ଧ ପ୍ରତି ମନ ନ ବଳାଇ ସନ୍ଧି କରିବାକୁ ଉଚିତ ମଣିଲେ । ଯେତେବେଳେ ଏହି ଖବର ସବାଇମାନଙ୍କୁ ଅର୍ଥାତ ଅବ୍‌ଦୁଲ୍ଲାଃ ବିନ୍ ସବା ର ଦଳ ଓ ଉସ୍‌ମାନଙ୍କ ହତ୍ୟାକାରୀଙ୍କ ନିକଟରେ ପହଂଚିଲା ସେତେବେଳେ ସେମାନେ ଅତ୍ୟନ୍ତ ଭୟଭୀତ ହୋଇଉଠିଲେ ଏବଂ ସେମାନଙ୍କର ଏକ ଦଳ ଗୁପ୍ତ ରୂପେ ପରାମର୍ଶ କରିବାପାଇଁ ଏକତ୍ରିତ ହେଲେ । ସେମାନେ ବିଚାର ବିମର୍ଶ କରିବାପରେ ଏହି ନିଷ୍ପତିରେ ଉପନୀତ ହେଲେ ଯେ, ମୁସଲମାନମାନଙ୍କ ମଧ୍ୟରେ ସନ୍ଧି ହେବା ଆମମାନଙ୍କ ପାଇଁ ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହେବ କାରଣ ଆମେମାନେ ସେତେବେଳ ପର୍ଯ୍ୟନ୍ତ ସେମାନଙ୍କ ଅର୍ଥାତ ଉସ୍‌ମାନଙ୍କ ହତ୍ୟାର ଦଣ୍ଡରୁ ବର୍ତି ରହିବା ଯେପର୍ଯ୍ୟନ୍ତ ମୁସଲମାନମାନଙ୍କ ମଧ୍ୟରେ ଗୃହଯୁଦ୍ଧ ଓ କଳହ ଲାଗି ରହିଥିବ ଓ ସେମାନେ ପରସ୍ପର ସହ ଲଢୁଥିବେ । ଯଦି ସେମାନଙ୍କ ମଧ୍ୟରେ ସନ୍ଧି ହୋଇଗଲା ଓ ଶାନ୍ତି ପ୍ରତିଷ୍ଠା ହୋଇଗଲା ତେବେ ଆମେ କୋଉ ପୁରେ ମଧ୍ୟ ମୁଣ୍ଡ ଗୁଞ୍ଜିପାରିବାନାହିଁ । ତେଣୁ କୌଣସି ମତେ ହେଲେ ସନ୍ଧି କରାଇଦିଅନାହିଁ ଇତି ମଧ୍ୟରେ ହଜ୍‌ରତ୍ ଅଲୀ ର:ଅ ଆସି ପହଂଚିଗଲେ ଏବଂ ଦ୍ୱିତୀୟ ଦିନ ତାଙ୍କର ହଜ୍‌ରତ୍ ଜୁବୈର୍ ର:ଅଙ୍କ ସହ ସାକ୍ଷାତ ହେଲା । ସେତେବେଳେ ହଜ୍‌ରତ୍ ଅଲୀ ର:ଅ ତାଙ୍କୁ କହିଲେ, ଆପଣ ମୋ ସହ ଲଢ଼ିବାପାଇଁ ସେନା ତ ପ୍ରସ୍ତୁତ କରିସାରିଛନ୍ତି । ପ୍ରଭୁଙ୍କ ନିକଟରେ, ଯିଏ ଐଶ୍ୱର୍ଯ୍ୟମୟ ପ୍ରଭୁ ଆମର ତାଙ୍କୁ ନିଜର କଣ କାରଣ ଦର୍ଶାଇବେ । ତେବେ କଣ ଆପଣ ସ୍ୱହସ୍ତରେ ଇସ୍‌ଲାମ୍‌କୁ ନଷ୍ଟ କରିବାକୁ ଚାହୁଁଛନ୍ତି ଯାହାର ସେବା ଆପଣ ଅତ୍ୟନ୍ତ କଠିନ ସମୟରେ କରିଥିଲେ । କଣ ମୁଁ ଆପଣଙ୍କ ଭାଇ ନୁହେଁ ତେବେ କେଉଁ କାରଣରୁ ପୂର୍ବେ ପରସ୍ପରର ରକ୍ତ ବୁହାଇବାକୁ ଅବୈଧ ଜାଣିଥିବା ଓ ବିଶ୍ୱାସ ରଖୁଥିବା ବର୍ତମାନ ବୈଧ ହୋଇଗଲା ? କଣ କୌଣସି ନୂତନ ନିୟମ ପ୍ରଣୟନ ହୋଇଯାଇଛି ଯଦି ହୋଇନାହିଁ ତେବେ ଏ ମୁକାବିଲା କାହିଁକି ? ଏଥିରେ ହଜ୍‌ରତ୍ ତଲ୍‌ହା ଯିଏ କି ଜୁବୈର୍‌ଙ୍କ ସାଥିରେ ଥିଲେ, କହିଲେ ଆପଣ ଲୋକମାନଙ୍କୁ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ହତ୍ୟା କରିବାପାଇଁ ଉସୁକାଉ ଥିଲେ । ଏଥିରେ ହଜ୍‌ରତ୍ ଅଲୀ ର:ଅ

କହିଲେ, ମୁଁ ହଜ୍‌ରତ୍ ଉସ୍‌ମାନଙ୍କ ହତ୍ୟାକାରୀଙ୍କ ଉପରେ ଈଶ୍ୱରଙ୍କ ଅଭିଶାପ ଅବତୀର୍ଣ୍ଣ ହେବାର ଦୁଆ କରୁଛି । ସେଥିଅନ୍ତେ ସେ ଜୁବୈର୍‌ଙ୍କୁ କହିଲେ, ତୁମର ମନେ ନାହିଁ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ କହିଥିଲେ ପ୍ରଭୁଙ୍କ ରାଣ ତୁମେ ଅଲୀଙ୍କ ସହ ଯୁଦ୍ଧ କରିବ ଏବଂ ତୁମେ ଅତ୍ୟାଚାରୀ ହୋଇଥିବ । ଏହା ଶୁଣି ଜୁବୈର୍ ନିଜ ସେନାଦଳକୁ ଫେରିଗଲେ ଏବଂ ଶପଥ ନେଲେ କି ସେ କଦାପି ହଜ୍‌ରତ୍ ଅଲୀ ର:ଅଙ୍କ ସହ ଯୁଦ୍ଧ କରିବେ ନାହିଁ ଏବଂ ଏହା ସ୍ୱୀକାର କଲେ ଯେ, ତାଙ୍କ ଦ୍ୱାରା ଏ ପ୍ରସଙ୍ଗରେ ଭୂଲ ହୋଇଯାଇଛି । ଯେତେବେଳେ ଏହି ଖବର ପ୍ରସାରିତ ହେଲା ସେତେବେଳେ ସମସ୍ତଙ୍କୁ ଆସ୍ୱସ୍ତି ମିଳିଲା ଯେ, ବର୍ତମାନ ଆଉ ଯୁଦ୍ଧ ହେବନାହିଁ ବରଂ ସନ୍ଧି ହେବ କିନ୍ତୁ ବିଦ୍ରୋହୀମାନେ ଅତ୍ୟନ୍ତ ବିଚଳିତ ହୋଇ ଏହି ଷଡ଼ଯନ୍ତ୍ର କଲେ କି ଯେଉଁ ରାତିରେ ସନ୍ଧି ହେବା ନିର୍ଦ୍ଧାରିତ ଥିଲା ସେହି ରାତିରେ ସେମାନେ ତାହାକୁ ରୋକିବାକୁ ଯାଇ ହଜ୍‌ରତ୍ ଆଇଶା ର:ଅଙ୍କ ସେନା ଉପରେ ଆକ୍ରମଣ କରିଦେଲେ । ଏହି ଷଡ଼ଯନ୍ତ୍ରକାରୀ ଉଭୟ ଦଳରେ ଲୁଚି ରହିଥିଲେ ହଠାତ୍ ଆକ୍ରମଣ ଦ୍ୱାରା ଏକ କୋଳାହଳପୂର୍ଣ୍ଣ ବାତାବରଣ ସୃଷ୍ଟି ହେଲା । ସେତେବେଳେ ହଜ୍‌ରତ୍ ଅଲୀ ର:ଅ ଉଚ୍ଚ ସ୍ୱରରେ କହିଲେ, କେହି ଯାଇ ହଜ୍‌ରତ୍ ଆଇଶା ର:ଅଙ୍କୁ ଖବର ଦିଅ ସମ୍ଭବତଃ ତାଙ୍କ ମାଧ୍ୟମରେ ପ୍ରଭୁ ଏହି ବିଶୃଙ୍ଖଳାକୁ ଦୂର କରିଦେବେ । ଅତଏବ ହଜ୍‌ରତ୍ ଆଇଶା ର:ଅଙ୍କ ଓଟ ଆଗକୁ ଆସିଲା କିନ୍ତୁ ପରିଣାମ ଆହୁରି ଭୟାଭୟ ହେଲା ବିଦ୍ରୋହୀମାନେ ତାଙ୍କୁ ଦେଖି ନିଜ ଯୋଜନା ପଣ୍ଡ ହୋଇଯିବା ଭାବି ହଜ୍‌ରତ୍ ଆଇଶା ର:ଅଙ୍କ ଓଟ ଉପରକୁ ତୀର ନିକ୍ଷେପ କରିବା ଆରମ୍ଭ କରିଦେଲେ । ହଜ୍‌ରତ୍ ଆଇଶା ଉଚ୍ଚ ସ୍ୱରରେ କହିଚାଲୁଥିଲେ କି ହେ ଲୋକମାନେ ପରସ୍ପର ସହିତ ଯୁଦ୍ଧ କରିବା ବନ୍ଦ କର ଏବଂ ପ୍ରଭୁ ଓ ହିସାବନିକାସର ଦିବସକୁ ସ୍ମରଣ କର । କିନ୍ତୁ ବିଦ୍ରୋହୀମାନେ ତିଳେମାତ୍ର ଖାତିର୍ କଲେ ନାହିଁ ଏବଂ ବରାବର ତୀର ଚାଳନା କଲେ । ବସ୍‌ରାବାସୀ ହଜ୍‌ରତ୍ ଆଇଶାଙ୍କ ସାଥିରେ ଥିଲେ ସେମାନେ ଏହା ଦେଖି ଅତ୍ୟନ୍ତ ଉକ୍ଷିପ୍ତ ହୋଇ ଉଠିଲେ ଏବଂ ମୋମିନ୍‌ମାନଙ୍କ ମାତାଙ୍କ ଏଭଳି ମର୍ଯ୍ୟାଦା ହାନୀ ଦେଖି ନିଜର ତରବାରୀ ଉତଳନ କରିନେଲେ ଏବଂ ଆକ୍ରମଣ କରିଦେଲେ । ବର୍ତମାନ ପରିସ୍ଥିତି ଏପରି ହୋଇଯାଇଥିଲା କି ହଜ୍‌ରତ୍ ଆଇଶା ର:ଅଙ୍କ ଓଟ ରଣକ୍ଷେତ୍ରର କେନ୍ଦ୍ରବିନ୍ଦୁ ସାଜିଥିଲା । ସାହାବା ଓ ବଡ଼ ବଡ଼ ବୀର ଯୋଦ୍ଧା ତାଙ୍କ ନିକଟରେ ଏକତ୍ରିତ ହୋଇଗଲେ ଯେ, ଜଣକ ପରେ ଜଣେ ଶହୀଦ ହୋଇଗଲେ ସିନା କିନ୍ତୁ ଓଟରୁ ଦଉଡ଼ି ନିଜ ହାତ ମୁଠାରୁ ଛାଡ଼ିଲେ ନାହିଁ । ହଜ୍‌ରତ୍ ଜୁବୈର୍ ତ ଯୁଦ୍ଧରେ ସାମିଲ ହେଲେ ନାହିଁ ଏବଂ ଗୋଟିଏ ପାର୍ଶ୍ୱକୁ ଚାଲିଗଲେ ଏବଂ ସେ ନମାଜ ପାଠ କରୁଥିବା ଅବସ୍ଥାରେ ଜଣେ ହତଭାଗ୍ୟ ତାଙ୍କୁ ଯାଇ ଶହୀଦ କରିଦେଲା ଏବଂ ହଜ୍‌ରତ୍ ତଲ୍‌ହା ଯୁଦ୍ଧ ଭୂମିରେ ଜଣେ ଉପଦ୍ରବୀର ହସ୍ତରେ ନୀହତ ହେଲେ । ଯେତେବେଳେ ପରିସ୍ଥିତ ଜଟିଳ ହେଲା, ଯୁଦ୍ଧ ତୀବ୍ର ରୂପ ନେଲା ସେତେବେଳେ କେହି ଜଣେ କହିଲେ ହଜ୍‌ରତ୍ ଆଇଶା ର:ଅଙ୍କ ଓଟକୁ ଭୁମିଷ୍ଠ କରିଦିଅ କାରଣ ସେଥିରେ ହିଁ ଯୁଦ୍ଧର ଅବସାନ ହେବା ଅନ୍ତର୍ନିହିତ । ଅତଏବ ଆଦେଶ ପାଳନ କରି ଜଣେ ବ୍ୟକ୍ତି ଯାଇ ଓଟର ଗୋଡ଼ କାଟିଦେଲା ଯଦ୍ୱାରା ଓଟଟି ତଳେ ପଡ଼ିଗଲା । ତେବେ ଯାଇ ଯୁଦ୍ଧ ଶେଷ ହେଲା । ସେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କ ମୁଖମଣ୍ଡଳ ଦୁଃଖରେ ଜର୍ଜରିତ ହୋଇ ଲାଲ୍‌ବର୍ଣ୍ଣ ପାଲଟିଯାଇଥିଲା । ଏ ଯାହା ସବୁ ଘଟିଗଲା ସେଥିରୁ ଓହରି ଯିବା ବାଟ ବା କଣ ଥିଲା ? ଯୁଦ୍ଧ ସମାପ୍ତି ହେବାରେ ଯେତେବେଳେ ନୀହତଙ୍କ ମଧ୍ୟରେ ହଜ୍‌ରତ୍ ତଲ୍‌ହାଙ୍କ ମରଶରୀର ମିଳିଲା । ସେତେବେଳେ ହଜ୍‌ରତ୍ ଅଲୀ ର:ଅ ଅତ୍ୟନ୍ତ ମର୍ମାହତ ହେଲେ । ଏହି ଘଟଣାରୁ ସ୍ପଷ୍ଟ ହେଉଅଛି ଯେ ଯମଲ୍ ଯୁଦ୍ଧର ଏହି କୋଳାହଳରେ ସାହାବାମାନଙ୍କର କୌଣସି ହାତ ନଥିଲା ବରଂ ଉକ୍ତ ଉପଦ୍ରବ ପଛରେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ହତ୍ୟାକାରୀଙ୍କ ହାତ ରହିଥିଲା ।

ତଲ୍‌ହା ର:ଅ ଓ ଜୁବୈର୍ ର:ଅ ହଜ୍‌ରତ୍ ଅଲୀଙ୍କ ବୟତ କରି ମୃତ୍ୟୁବରଣ କଲେ । କାରଣ ସେମାନେ ନିଜର ଉଦ୍ଦେଶ୍ୟରୁ ଫେରିଗଲେ । ଓହରି ଗଲେ ଏବଂ ହଜ୍‌ରତ୍ ଅଲୀ ର:ଅଙ୍କ ସହିତ ସହଯୋଗ କରିବାପାଇଁ ରାଜି ହୋଇଯାଇଥିଲେ । କିନ୍ତୁ କେତେକ ଦୁଷ୍ଟ ଲୋକଙ୍କ ହାତରେ ମୃତ୍ୟୁବରଣ କଲେ । ତେଣୁ ହଜ୍‌ରତ୍ ଅଲୀ ର:ଅ ତାଙ୍କ ହତ୍ୟାକାରୀଙ୍କୁ ଅଭିଷାପ ମଧ୍ୟ ଦେଲେ ।

***(ଅନୱାରୁଲ୍ ଖିଲାଫତ୍, ଅନୱାରୁଲ୍ ଉଲୁମ୍ ଖଣ୍ଡ-୩, ପୃ-୧୯୮-୨୦୧)***

ଯମଲ୍ ଯୁଦ୍ଧର ପରିସମାପ୍ତି ପରେ ହଜ୍‌ରତ୍ ଅଲୀ ର:ଅ ହଜ୍‌ରତ୍ ଆଇଶା ର:ଅଙ୍କ ସମସ୍ତ ବାହନ ଓ ମାର୍ଗଜନିତ ଜିନିଷପତ୍ର ପ୍ରସ୍ତୁତ କଲେ । ହଜ୍‌ରତ୍ ଆଇଶା ର:ଅଙ୍କୁ ଛାଡ଼ିବାପାଇଁ ସ୍ୱୟମ ଆସିଲେ ଏବଂ ହଜ୍‌ରତ୍ ଆଇଶା ର:ଅଙ୍କ ସହିତ ଯେଉଁ ବ୍ୟକ୍ତିମାନେ ଯିବାକୁ ଇଚ୍ଛୁକ ଥିଲେ ସେମାନଙ୍କୁ ପ୍ରେରଣ କଲେ । ଯେଉଁଦିନ ହଜ୍‌ରତ୍ ଆଇଶା ର:ଅ ଯାତ୍ରା ପାଇଁ ବାହାରିଥାନ୍ତେ ସେହିଦିନ ହଜ୍‌ରତ୍ ଅଲୀ ର:ଅ ହଜ୍‌ରତ୍ ଆଇଶା ସିଦ୍ଦିକା ର:ଅଙ୍କ ନିକଟକୁ ଆସିଲେ ଏବଂ ଆପଣଙ୍କ ନିକଟରେ ଛିଡ଼ା ହେଲେ ଏବଂ ସମସ୍ତ ଲୋକଙ୍କ ଉପସ୍ଥିତିରେ ହଜ୍‌ରତ୍ ଆଇଶା ର:ଅ କହିଲେ ହେ ମୋର ସନ୍ତାନମାନେ ! ଆମେ ତୁମମାନଙ୍କୁ ଦୁଃଖ ଦେଇ ଓ ଅତ୍ୟାଚାର କରି ପରସ୍ପରକୁ ନାରାଜ କରିଦେଇଛୁ । ଭବିଷ୍ୟତରେ ଆମମାନଙ୍କର ଏହି ମତପାର୍ଥକ୍ୟତା ଯୋଗୁଁ କୌଣସି ବ୍ୟକ୍ତି ମଧ୍ୟ ପରସ୍ପର ଉପରେ ଅତ୍ୟାଚାର ନକରୁ ଏବଂ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ ମୋର ହଜ୍‌ରତ୍ ଅଲୀ ର:ଅଙ୍କ ମଧ୍ୟରେ ପ୍ରାରମ୍ଭରୁ ହିଁ କେବେ ମତାନ୍ତର ନଥିଲା । ସାଧାରଣତଃ ଯାହା ଜଣେ ପୁରୁଷର ତା' ଶ୍ୱଶୁର ଘର ସଙ୍ଗେ ଉତମ ସମ୍ପର୍କ ମଧ୍ୟରେ ସାଧାରଣତଃ ବାର୍ତାଳାପ ହୋଇଥାଏ । ସେଭଳି କୌଣସି ମତପାର୍ଥକ୍ୟ ଆମ ମଧ୍ୟରେ ନଥିଲା । ହଜ୍‌ରତ୍ ଅଲୀ ର:ଅ କହିଲେ, ହେ ଲୋକମାନେ ହଜ୍‌ରତ୍ ଆଇଶା ର:ଅ ଭଲ ଓ ସତ୍ୟ କହୁଛନ୍ତି । ହଜ୍‌ରତ୍ ଆଇଶା ର:ଅ ଇହ ଓ ପରକାଳରେ ତୁମର ନବୀ ସିରୋମଣୀ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପବିତ୍ର ଅର୍ଦ୍ଧାଙ୍ଗିନି ଅଟନ୍ତି । ହଜ୍‌ରତ୍ ଅଲୀ ର:ଅ ହଜ୍‌ରତ୍ ଆଇଶା ର:ଅଙ୍କୁ ଛାଡ଼ିବାପାଇଁ ଅନେକ ମାଇଲ୍ ଦୂର ଚାଲିଆସିଲେ ଏବଂ ନିଜର ଦୁଇ ପୁତ୍ରଙ୍କୁ ଆଦେଶ ଦେଲେ କି ସେମାନେ ହଜ୍‌ରତ୍ ଆଇଶା ର:ଅଙ୍କ ସହିତ ଯାଆନ୍ତୁ ଏବଂ ଦିନକ ପରେ ତାଙ୍କୁ ନିଜ ଗନ୍ତବ୍ୟ ସ୍ଥାନରେ ଛାଡ଼ି ଫେରି ଆସନ୍ତୁ । ***(ତାରିଖେ ତିବ୍‌ରି, ଖଣ୍ଡ-୩, ପୃ-୬୦-୬୧......ବେରୁତ ୧୯୮୭)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି, ହଜୁର ସ:ଆ:ସଙ୍କ ଅନ୍ତେ ମଧ୍ୟ ହଜ୍‌ରତ୍ ତଲ୍‌ହା ଜୀବିତ ଥିଲେ । ଯେତେବେଳେ ଉସ୍‌ମାନଙ୍କ ହତ୍ୟାପରେ ମୁସଲମାନମାନଙ୍କ ମଧ୍ୟରେ ମତଭେଦ ଉପୁଜିଲା ଏବଂ ଗୋଟିଏ ଦଳ ଉସ୍‌ମାନଙ୍କ ହତ୍ୟାକାରୀଙ୍କଠାରୁ ପ୍ରତିଶୋଧ ନେବାପାଇଁ ଅଡ଼ି ବସିଲା ସେହି ଦଳର ନେତା ହଜ୍‌ରତ୍ ତଲ୍‌ହା, ଜୁବୈର୍ ଓ ହଜ୍‌ରତ୍ ଆଇଶା ର:ଅ ଥିଲେ କିନ୍ତୁ ଅନ୍ୟ ଦଳଟି କହୁଥିଲା ଯେହେତୁ ମୁସଲମାନମାନଙ୍କ ମଧ୍ୟରେ ମତପାର୍ଥକ୍ୟ ସୃଷ୍ଟି ହୋଇଛି ତେଣୁ ଆମକୁ ସର୍ବପ୍ରଥମେ ମସୁଲମାନମାନଙ୍କ ଏକତା ଫେରାଇ ଆଣିବା ଉଚିତ ଯଦ୍ୱାରା ଇସ୍‌ଲାମ୍‌ର ଗୌରବ ଓ ମର୍ଯ୍ୟାଦା ପ୍ରତିଷ୍ଠିତ ରହିବ, ପରେ ଆମେ ସେହି ଉପଦ୍ରବିଙ୍କୁ ଦଣ୍ଡିତ କରିବା ଏହି ଦଳର ନେତା ହଜ୍‌ରତ୍ ଅଲୀ ଥିଲେ । ଏହି ମତଭେଦ ଏଭଳି ଅଭିବୃଦ୍ଧି ଘଟିଲା ଯେ ହଜ୍‌ରତ୍ ଆଇଶା ର:ଅଙ୍କ ଦଳ ଅଲୀଙ୍କ ଉପରେ ଏହି ଆରୋପ ଲଗାଇଲା ଯେ ସେ ଉପଦ୍ରବିମାନଙ୍କୁ ଶରଣ ଦେବାକୁ ଚାହୁଁଛନ୍ତି । ହଜ୍‌ରତ୍ ଅଲୀ ର:ଅ ପ୍ରତ୍ୟାରୋପ କଲେ କି ଏହି ଲୋକମାନେ ନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଛନ୍ତି ଇସ୍‌ଲାମ୍‌ର ହୀତ ପ୍ରତି ସେମାନଙ୍କର ଉଦ୍ଦେଶ୍ୟ ନାହିଁ ଯେଉଁମାନେ ଏକଥା କହୁଛନ୍ତି କି ସଙ୍ଗେ ସଙ୍ଗେ ପ୍ରତିଶୋଧ ନିଆଯାଉ । ଏହି ମତାନ୍ତର ଏଭଳି ରୂପ ଧାରଣ

| | |
|---|---|
| **ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ** | ''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।'' *(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)* |

ତାଲିବେ ଦୁଆ: *Hawa Bibi & Family,*
*Jamat Ahmadiyya, Kerang (Odisha)*

### ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

### ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb,*
*Jamat Ahmadiyya, Kerang (Odisha)*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.6 Thursday 28 Jan 2021 Issue No. 04

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

କରିଲା ଯେ ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧର ସୂତ୍ରପାତ ହେଲା । ଗୋଟିଏ ପଟେ ହଜ୍‌ରତ୍ ଆଇଶା ର:ଅ, ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର୍ ଥିଲେ ଓ ଅନ୍ୟପଟେ ହଜ୍‌ରତ୍ ଅଲୀ ର:ଅ ଥିଲେ । ଯେତେବେଳେ ଯୁଦ୍ଧ ଆରମ୍ଭ ହେଲା ସେତେବେଳେ ଜଣେ ସାହାବି ହଜ୍‌ରତ୍ ତଲ୍‌ହାଙ୍କ ନିକଟକୁ ଆସିଲେ ଏବଂ କହିଲେ, ତଲ୍‌ହା ତୁମର ମନେ ଅଛି ଅମୁକ ଅବସରରେ ମୁଁ ଓ ତୁମେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ବୈଠକରେ ସାମିଲ ଥିଲେ ସେତେବେଳେ ହଜୁର ସ:ଆ:ସ କହିଲେ, ତଲ୍‌ହା ଏପରି ଏକ ସମୟ ଆସିବ ଯେତେବେଳେ ତୁମେ ଗୋଟିଏ ସେନା ଦଳରେ ଥିବ ଓ ଅଲୀ ଅନ୍ୟ ସେନା ଦଳରେ ଥିବେ ଏବଂ ଅଲୀ ସତ୍‌ପଥରେ ଥିବେ କିନ୍ତୁ ତୁମେ ଅସତ୍ୟପଥରେ ଥିବ । ଏକଥା ଶୁଣିବାପରେ ତଲ୍‌ହା ର:ଅଙ୍କର ଆଖି ଖୋଲିଗଲା ଏବଂ ସେ କହିଲେ, ହଁ ସେହି କଥା ମୋର ମନେପଡ଼ିଗଲା । ତା'ପରେ ସେ ତତ୍‌କ୍ଷଣାତ୍ ସେନା ଦଳରୁ ଓହରି ଗଲେ । ଯେତେବେଳେ ସେ ଫେରି ଯାଉଥିଲେ ସେତେବେଳେ ଜଣେ ହତଭାଗ୍ୟ ବ୍ୟକ୍ତି ଯିଏ ହଜ୍‌ରତ୍ ଅଲୀଙ୍କ ସେନାଦଳର ଥିଲା । ତାଙ୍କ ପଛପଟୁ ଯାଇ ତାଙ୍କୁ ଛୁରା ମାଡ଼ କଲା ଏବଂ ତାଙ୍କୁ ଶହୀଦ କରିଦେଲା । ହଜ୍‌ରତ୍ ଅଲୀ ର:ଅ ନିଜ ସ୍ଥାନରେ ବିରାଜମାନ ଥିଲେ ସେହି ସମୟରେ ପୁରସ୍କାର ଲାଳସାରେ ଉକ୍ତ ବ୍ୟକ୍ତିଜଣକ ଆସି ପହଂଚିଲା ଏବଂ କହିଲା ହେ ଅମୀରୁଲ୍ ମୁମିନିନ୍ ମୁଁ ଆପଣଙ୍କ ଶତ୍ରୁର ନୀହତ ହେବାର ସୁସମାଚାର ଜଣାଉଛି । ହଜ୍‌ରତ୍ ଅଲୀ କହିଲେ, କେଉଁ ଶତ୍ରୁ ? ସେ କହିଲା ମୁଁ ତଲ୍‌ହାଙ୍କୁ ହତ୍ୟା କରିଦେଇଛି । ହଜ୍‌ରତ୍ ଅଲୀ ର:ଅ ପୁନଶ୍ଚ କହିଲେ ମୁଁ ମଧ୍ୟ ତୁମକୁ ହଜୁର ସ:ଆ:ସଙ୍କର ଏକ ଭବିଷ୍ୟବାଣୀ ଶୁଣାଉଛି ଯେ ତୁ ନର୍କଗାମୀ ହେବୁ କାରଣ ହଜୁର ସ:ଆ:ସ ଏକଦା କହିଥିଲେ, ଯେତେବେଳେ ହଜ୍‌ରତ୍ ତଲ୍‌ହା ଓ ମୁଁ ହଜୁରଙ୍କ ନିକଟରେ ବସିଥିଲୁ କି ହେ ତଲ୍‌ହା ତୁମେ ସତ୍ ଓ ନ୍ୟାୟପାଇଁ ଅପଦସ୍ତ ହେବ ଏବଂ ତୁମକୁ ଜଣେ ହତ୍ୟା କରିବ କିନ୍ତୁ ପ୍ରଭୁ ତାଙ୍କୁ ନର୍କାଗ୍ନୀରେ ନିକ୍ଷେପ କରିବେ । ***(ଆଇନ୍ଦା ଓ୍ୱହି କୈମେଁ ଇଜ୍ଜତ..... ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୨୧, ପୃ-୧୪୯-୧୫୦)***

ସଫିନ୍ ଯୁଦ୍ଧ ହଜ୍‌ରତ୍ ଅଲୀ ର:ଅ ଓ ଅମୀର ମୁଆୱିୟାଙ୍କ ମଧ୍ୟରେ ୩୭ ହିଜ୍‌ରିରେ ହୋଇଥିଲା । ସିଫଇନ୍ ହେଉଛି ସିରିଆ ଓ ଇରାକ୍‌ର ମଧବର୍ତୀ ଅଂଚଳର ଏକ ସ୍ଥାନର ନାମ । ହଜ୍‌ରତ୍ ଅଲୀ ର:ଅ କୁଫାରୁ ସୈନ୍ୟ ଧରି ବାହାରିଲେ ଏବଂ ଯେତେବେଳେ ସଫିନ୍ ନାମକ ସ୍ଥାନରେ ପହଂଚିଲେ ସେତେବେଳେ ଦେଖିଲେ ଯେ, ସିରିଆ ସୈନ୍ୟଦଳ ଅମୀର ମୁଆୱିୟାଙ୍କୁ ନେତୃତ୍ୱରେ ପୂର୍ବରୁ ସେଠାରେ ଶିବିର ଲଗାଇ ବସିରହିଛି ଏବଂ ସେମାନଙ୍କର ଏକ ଯମାତ୍ ଫୁରାତ୍ ନାମକ ନଦୀର ଘାଟକୁ ଅଧିକୃତ କରିବସିଛି । ହଜ୍‌ରତ୍ ଅଲୀ ର:ଅ ଏହା ଆଶ୍ୱାସନା ଦେଲେ କି ଆମେମାନେ ଲଢ଼ିବାକୁ ଆସିନାହୁଁ ବରଂ ଅମୀର ମୁଆୱିୟା ସହିତ ସନ୍ଧି ସ୍ଥାପନ କରିବାକୁ ଆସିଛୁ ଏହା ସତ୍ତ୍ୱେ ଅମୀର ମୁଆୱିୟା ସନ୍ଧି ପାଇଁ ସହମତି ପ୍ରକାଶ କଲେ ନାହିଁ । ସିରିଆ ସେନା ହଜ୍‌ରତ୍ ଅଲୀଙ୍କ ସେନାଙ୍କୁ ଫୁରାତ୍ ନଦୀରୁ ପାଣି ନେବାକୁ ଦେଲାନାହିଁ । ଏହା ଦେଖି ହଜ୍‌ରତ୍ ଅଲୀ ନିଜ ସେନାକୁ ଆକ୍ରମଣ କରିବା ପାଇଁ ନିର୍ଦ୍ଦେଶ ଦେଲେ ଫଳତଃ ହଜ୍‌ରତ୍ ଅଲୀଙ୍କ ସେନାଦଳ ଫୁରାତ୍ ନଦୀ ପର୍ଯ୍ୟନ୍ତ ପହଂଚିବାରେ ସମର୍ଥ ହେଲେ ହଜ୍‌ରତ୍ ଅଲୀ ସିରିଆ ସେନାଙ୍କୁ ପାଣି ନେବା ପାଇଁ ପୁର୍ଣ୍ଣ ଅନୁମତି ଦେଲେ । ଅମୀର ମାୱିୟା ଏ କଥାରେ ଅଟଳ ଥିଲେ ଯେ ହଜ୍‌ରତ୍ ଅଲୀ ର:ଅ ଉସ୍‌ମାନଙ୍କ ହତ୍ୟାକାରୀଙ୍କୁ ତାଙ୍କ ଅଧିନରେ ଦେଇ ଦିଅନ୍ତୁ । ସୁଲାହ କରିବାପାଇଁ ବହୁତ ଚେଷ୍ଟା କରାଗଲା କିନ୍ତୁ ସୁଲାହ୍ ହୋଇପାରିଲା ନାହିଁ । ଯୁଦ୍ଧର ପ୍ରାରମ୍ଭ ୩୭ ହିଜ୍‌ରୀରେ ହେଲା ଯେତେବେଳେ ଯୁଦ୍ଧ କିଛି ସମୟ ପର୍ଯ୍ୟନ୍ତ ବିନା କୌଣସି ଦୃଢ଼ ନିଷ୍ପତିରେ ଜାରି ରହିଲା ସେତେବେଳେ ଅମୀର ମୁଆୱିୟା ହତୋସ୍ୱାହିତ ହୋଇ ସେହି ଉତ୍କଟ ପରିସ୍ଥିତିରେ ହଜ୍‌ରତ୍ ଉମର୍ ବିନ୍ ଆସ ର:ଅଙ୍କଠାରୁ ପରାମର୍ଶ ନେଲେ । ସୁତରାଂ ହଜ୍‌ରତ୍ ଉମର୍ ବିନ୍ ଆସ ର:ଅ ଏ ପରାମର୍ଶ ଦେଲେ ଯେ, କୋରାନ୍‌ର ପାଣ୍ଡୁଲିପି ବର୍ଛାର ମୁନ ଉପରେ ବାନ୍ଧିଲେ ଏବଂ କୋରାନ୍ ନିର୍ଣ୍ଣୟ ଅନୁଯାୟୀ ନିଷ୍ପତି ହେବା ଉଚିତ ବୋଲି ଘୋଷଣା କରନ୍ତୁ । ଅତଏବ ସେହିପରି ହିଁ ନିର୍ଣ୍ଣୟ କରାଗଲା । ହଜ୍‌ରତ୍ ଅଲୀ ର:ଅଙ୍କ ଅନୁଗାମୀଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖାଦେଲା । ଅନୁଗାମୀମାନଙ୍କର ଏକ ବିଶାଳ ସଂଖ୍ୟକ ଏହା କହିଲା କି ଅଲ୍ଲାଃ ତାଲାଙ୍କଠାରୁ ନ୍ୟାୟ ପାଇଁ ପ୍ରାର୍ଥନା କେବେ ହେଲେ ପ୍ରତ୍ୟାଖାନ ହୁଏନାହିଁ । ସେହିପରି ହଜ୍‌ରତ୍ ଅଲୀ ର:ଅ ନିଜର ପ୍ରଥମ ସୈନ୍ୟ ଟୁକୁଡ଼ି ଫେରାଇ ଆଣିଲେ ଏବଂ ଯୁଦ୍ଧରେ ଯବନିକା ପଡ଼ିଲା । ହଜ୍‌ରତ୍ ଅଲୀ ର:ଅଙ୍କ ସେନାଦଳର ଅନ୍ୟ ଲୋକ ଅମୀର ମୁଆୱିୟାର ପ୍ରସ୍ତାବକୁ ଗ୍ରହଣ କରିନେଲେ କି ଉଭୟ ପକ୍ଷ ଗୋଟିଏ ଗୋଟିଏ ନିର୍ଣ୍ଣାୟକ ଅର୍ଥାତ ନ୍ୟାୟଧିକ୍ଷ ମନୋନୀତ କରନ୍ତୁ ଏବଂ ଏହି ଦୁଇ ନିର୍ଣ୍ଣୟକାରୀ ମିଳିତ ଭାବରେ କୋରାନୀୟ ନିର୍ଦ୍ଦେଶନାମ ଅନୁଯାୟୀ ନିଜର ନିଷ୍ପତି ଦିଅନ୍ତୁ । ଇତିହାସର ପୁସ୍ତକରେ ଉକ୍ତ ଘଟଣାକୁ ତହ୍‌କିମ୍ ନାମରେ ନାମିତ କରାଯାଉଅଛି । ସେ ଯାହା ହେଉନା କାହିଁକି ଶାମୀମାନେ (ସିରିଆ ଦଳ) ହଜ୍‌ରତ୍ ଉମ୍ରୋ ବିନ୍ ଆସଙ୍କୁ ମନୋନୀତ କଲେ ଏବଂ ହଜ୍‌ରତ୍ ଅଲୀ ର:ଅ ହଜ୍‌ରତ୍ ଅବୁ ମୁସା ଅଶ୍‌ଅରୀ ର:ଅଙ୍କ ନାମ ନାମାଙ୍କିତ କରିଥିଲେ ଚୁକ୍ତିନାମାରେ ହସ୍ତାକ୍ଷର ହେବାପରେ ସୈନ୍ୟଦଳ ବିକ୍ଷିପ୍ତ ହୋଇଗଲା । ଉକ୍ତ ସନ୍ଦର୍ଭଟି ଇବ୍‌ନେ ଅସୀର୍‌ର ଐତିହାସିକ ସନ୍ଦର୍ଭ ଥିଲା । ***(ଅଲ୍‌କାମିଲ୍ ଫିଲ୍ ତାରିଖ୍ ଅଜ୍ ଇବ୍‌ନେ ଅସିର, ଖଣ୍ଡ-୩, ପୃ-୧୬୧-୨୦୧.... ଲେବ୍‌ନାନ୍ ୨୦୦୩) (ଲୁଗାତୁଲ୍ ହଦିସ୍ ଖଣ୍ଡ-୨, ପୃ-୬୦୮)***

ହଜ୍‌ରତ୍ ଖଲିଫତୁଲ ମସିହ ସାନି ର:ଅ ଉକ୍ତ ଘଟଣା ସମ୍ପର୍କରେ ଏହିପରି ଭାବରେ ଉଲ୍ଲେଖ କରିଛନ୍ତି ଯେ ଉକ୍ତ ଯୁଦ୍ଧରେ ହଜ୍‌ରତ୍ ମୁଆୱିୟାର ସାଥିମାନେ ଚତୁରତା ଅବଲମ୍ବନ କଲେ ସେମାନେ ବର୍ଛା ଉପରେ କୋରାନ୍ ଟେକିଦେଲେ ଏବଂ କହିଲେ କୋରାନ୍ ଯାହା ନ୍ୟାୟ ଦେବ ଆମେ ତାହାକୁ ସାଦରେ ଗ୍ରହଣ କରିନେବୁ ଏବଂ ଏଥିପାଇଁ ଜଣେ ନିର୍ଣ୍ଣୟକାରୀ ନିଯୁକ୍ତ ମଧ୍ୟ କଲେ । ଅତଏବ ଉକ୍ତ କଥା ଅନୁଯାୟୀ ସେହି ଉପଦ୍ରବକାରୀମାନେ ଯେଉଁମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ହତ୍ୟାର ଷଡ଼ଯନ୍ତ୍ରରେ ସାମିଲ ଥିଲେ ଏବଂ ଯେଉଁମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସାହାଦତ୍ ପରେ ନିଜର ଆତ୍ମରକ୍ଷା ପାଇଁ ହଜ୍‌ରତ୍ ଅଲୀ ର:ଅଙ୍କ ସେନାରେ ସାମିଲ ହୋଇଯାଇଥିଲେ ସେମାନେ ହଜ୍‌ରତ୍ ଅଲୀ ର:ଅଙ୍କ ଉପରେ ଚାପ ପ୍ରୟୋଗ କଲେ କି ସେ ସମ୍ପୁର୍ଣ୍ଣ ଠିକ୍ କଥା କହୁଛନ୍ତି । ଆପଣ ନ୍ୟାୟ ବିଚାର ପାଇଁ ଏକ ନିର୍ଣ୍ଣୟକାରୀ ନିଯୁକ୍ତ କରିଦିଅନ୍ତୁ । ହଜ୍‌ରତ୍ ଅଲୀ ର:ଅ ବହୁବାର ଅସ୍ୱିକାର କଲେ କିନ୍ତୁ ସେମାନେ ଓ ଅନ୍ୟ କେତେକ ଦୁର୍ବଳ ସ୍ୱଭାବର ବ୍ୟକ୍ତିମାନେ ଯେଉଁମାନେ ସେହି ଉପଦ୍ରବିମାନଙ୍କର ଏହି ବିଶ୍ୱାସଘାତକତାର ଫାନ୍ଦରେ ପଡ଼ିଯାଇଥିଲେ ସେମାନେ କହିଲେ କି ଆପଣ ଜଣେ ନିର୍ଣ୍ଣୟକାରୀ ନିଯୁକ୍ତ କରନ୍ତୁ । ଅତଏବ ମୁଆୱିୟାଙ୍କ ପକ୍ଷରୁ ହଜ୍‌ରତ ଉମ୍ରୋ ବିନ୍ ଆସ ଓ ହଜ୍‌ରତ୍ ଅଲୀ ର:ଅଙ୍କ ପକ୍ଷରୁ ହଜ୍‌ରତ୍ ଅବୁ ମୁସା ଅଶ୍‌ଅରୀ ର:ଅଙ୍କୁ ହକିମ୍ ଅର୍ଥାତ ନ୍ୟାୟଧିଶ ନିଯୁକ୍ତ କରାଯାଇଥିଲା । ଉକ୍ତ ତହ୍‌କିମ୍ ପ୍ରକୃତରେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ହତ୍ୟା ଘଟଣା ସହିତ ସମ୍ପୃକ୍ତ ଥିଲା ଏବଂ ସର୍ତ ଏହା ଥିଲା କି କୋରାନ୍ ଅନୁଯାୟୀ ହିଁ ନିଷ୍ପତି ନିଆଯିବ । ଉକ୍ତ ଘଟଣାଟି ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସଂକ୍ରାନ୍ତରେ ନିଷ୍ପତି ଦେବ ଏବଂ ଏହି ନିର୍ଣ୍ଣୟକାରୀମାନେ ଏଥିପାଇଁ ନିଯୁକ୍ତ ହୋଇଥିଲେ ଯେ ଏହି ନିଷ୍ପତିଟି କୁର୍‌ଆନ୍ କରିମ୍‌ର ଆଦେଶ ଅନୁଯାୟୀ ହତ୍ୟାକାରୀମାନଙ୍କୁ ଶାସ୍ତି ଦେବେ । କିନ୍ତୁ ଉମ୍ରୋ ବିନ୍ ଆସ ଓ ଅବୁ ମୁସା ଅଶ୍‌ଅରୀ ଦୁହେଁ ପରାମର୍ଶ କରି ଏହି ନିଷ୍ପତି ନେଲେ କି ସର୍ବପ୍ରଥମେ ଆମମାନଙ୍କ ପାଇଁ ଏହା ଉଚିତ ହେବ କି ଆମେ ଦୁହେଁ ହଜ୍‌ରତ୍ ଅଲୀ ର:ଅ ଓ ହଜ୍‌ରତ୍ ମୁଆୱିୟାଙ୍କୁ ସେମାନଙ୍କ ଆଧିପତିତ୍ୱତାକୁ ସମାପ୍ତ କରିଦେବା ଏହା ପରେ ଯାଇ ଆଗକୁ ବାର୍ତାଳାପ ହେବ କାରଣ ମୁସଲମାନମାନେ ଏହି ଦୁହିଁ ଅମୀରଙ୍କ ଯୋଗୁଁ ବିପତିର ସମ୍ମୁଖିନ ହୋଇଛନ୍ତି । ଏହା ସେହି ଦୁଇ ନିର୍ଣ୍ଣୟକାରୀଙ୍କ ନିଜସ୍ୱ ଚିନ୍ତାଧାରା ଥିଲା ଓ ସ୍ୱାଧିନତା ପୂର୍ବକ ମୁସଲମାନମାନଙ୍କୁ କୌଣସି ନିଷ୍ପତି ନେବାକୁ ହେବ କାରଣ ସେମାନେ ଯାହାକୁ ଚାହିଁବେ ତାହାଙ୍କୁ ଖଲିଫା କରିନେବେ ଅଥଚ ସେମାନେ ଉକ୍ତ କାର୍ଯ୍ୟ ନିମନ୍ତେ ନିଯୁକ୍ତ ହୋଇନଥିଲେ । ଉକ୍ତ କଥା ତ' ସମ୍ପୁର୍ଣ୍ଣରୂପେ ଭୁଲ୍ ଥିଲା ଯେ ଯେଉଁ ସଂକ୍ରାନ୍ତରେ ସେ ଦୁହେଁ ନିଯୁକ୍ତ ହୋଇଛନ୍ତି ତାହା ଛାଡ଼ି ସେମାନେ ଭାବିବା ଆରମ୍ଭ କରିଦେଇଥିଲେ କି ସେମାନେ ଉକ୍ତ କାର୍ଯ୍ୟ ଅର୍ଥାତ ଖିଲାଫତ୍ ପାଇଁ ନିଯୁକ୍ତ ହୋଇନାହାନ୍ତି କିନ୍ତୁ ସେ ଯାହା ହେଉ ନା କାହିଁକି ଏହି ଦୁଇ ନିର୍ଣ୍ଣୟକାରୀମାନେ ଏହି ନିର୍ଣ୍ଣୟର ଘୋଷଣା କରିବା ପାଇଁ ଏକ ସର୍ବସାଧାରଣ ଜଲ୍‌ସାର ଆୟୋଜନ କଲେ ଏବଂ ହଜ୍‌ରତ୍ ଉମ୍ରୋ ବିନ୍ ଆସ ହଜ୍‌ରତ୍ ଅବୁ ମୁସା ଅଶ୍‌ଅରୀ ର:ଅଙ୍କୁ କହିଲେ କି ପ୍ରଥମେ ଆପଣ ନିଜ ନିଷ୍ପତି ଶୁଣାନ୍ତୁ ତା'ପରେ ଯାଇ ମୁଁ ନିଜ ନିଷ୍ପତି ଶୁଣାଇବି । ସୁତରାଂ ହଜ୍‌ରତ୍ ଅବୁ ମୁସା ଅଶ୍‌ଅରୀ ଘୋଷଣା କଲେ କି ସେ ହଜ୍‌ରତ୍ ଅଲୀ ର:ଅଙ୍କୁ ଖିଲାଫତ୍‌ରୁ ନିଲମ୍ବିତ କରୁଛନ୍ତି ତା'ପରେ ହଜ୍‌ରତ୍ ଅମ୍‌ରୋ ବିନ୍ ଆସ ଛିଡ଼ା ହେଲେ ଓ କହିଲେ ଯେ ମୁଁ ମଧ୍ୟ ଉକ୍ତ କଥା ସହିତ ସହମତି ପ୍ରକାଶ କରୁଛି ଏବଂ ହଜ୍‌ରତ୍ ଅଲୀ ର:ଅଙ୍କୁ ଖିଲାଫତ ପଦବୀରୁ ନିଲମ୍ବିତ କରୁଛି କିନ୍ତୁ ମୁଆୱିୟାଙ୍କୁ ମୁଁ ନିଲମ୍ବିତ କରୁନାହିଁ କାରଣ ସେ ଖଲିଫା ନୁହନ୍ତି ବରଂ ଅମୀର ଏବଂ ତାଙ୍କର ଅମୀରତ୍ୱ ପଦବୀକୁ ମୁଁ ବଜାୟ ରଖୁଛି । ହଜ୍‌ରତ୍ ଉମ୍ରୋ ବିନ୍ ଆସ ସ୍ୱୟମ ଜଣେ ଅତ୍ୟନ୍ତ ସଦାଚାରୀ ଓ ପୂଣ୍ୟବାନ ବ୍ୟକ୍ତି ଥିଲେ କିନ୍ତୁ ସେତେବେଳେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି କି ସେତେବେଳେ ମୁଁ ଉକ୍ତ ବିତର୍କରେ ପଡ଼ିବାକୁ ଚାହୁଁନାହିଁ କି ସେ ଏଭଳି ନିଷ୍ପତି କାହିଁକି ନେଇଥିଲେ । ସେ ଯାହା ହେଉ ନା କାହିଁକି ସେ ସେତେବେଳେ ଉକ୍ତ ପୂଣ୍ୟତା ସତ୍ତ୍ୱେ କୌଣସି ପ୍ରକାର ଲୋକଙ୍କ କଥାରେ ଆସିଯାଇଥିଲେ କିମ୍ବା କଣ ହେଲା କେଜାଣି ଏହା ଏକ ଅନ୍ୟ ପ୍ରସଙ୍ଗ ଏଣୁ ମୁଁ ଏହି ବିତର୍କରେ ପଡ଼ିବାକୁ ଚାହେଁନି କିନ୍ତୁ ସେ ଯାହା ହେଉ ନା କାହିଁକି ତାଙ୍କର ଏହି ନିଷ୍ପତି ସଠିକ୍ ନଥିଲା । ଉକ୍ତ ନିଷ୍ପତି ଉପରେ ହଜ୍‌ରତ୍ ମୁଆୱିୟା ର:ଅଙ୍କ ସାଥିମାନେ କହିବାକୁ ଆରମ୍ଭ କରିଦେଲେ କି ଯେଉଁମାନେ ନିର୍ଣ୍ଣୟକାରୀ ନିୟୋଜିତ ହୋଇଥିଲେ ସେମାନେ ହଜ୍‌ରତ୍ ଅଲୀ ର:ଅଙ୍କ ପରିବର୍ତେ ମୁଆୱିୟାଙ୍କ ସପକ୍ଷରେ ରାୟ ଶୁଣାଇ ଦେଇଛନ୍ତି ଏବଂ ଏହା ସଠିକ୍ ଅଟେ ।

***କ୍ରମଶଃ......***

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan